






## ବାରବାଟୀ-କଟକ ନିର୍ବାଚନ ମାମଲା

# ମୋକିମଙ୍କ ବିଧାୟକ ପଦ ଗଲା

## ୪ ବର୍ଷ ୮ ମାସ ପରେ ଆସିଲା ରାୟ

କଟକ, ୪।୩(ସମିସ)

୨୦୧୯ ମସିହା ଏପ୍ରିଲ ମାସରେ ହୋଇଥିଲା ବାରବାଟୀ-କଟକ ବିଧାନସଭା ଆସନ ପାଇଁ ନିର୍ବାଚନ। ଏହି ନିର୍ବାଚନ ପାଇଁ ଇଂ ମହମ୍ମଦ ମୋକିମ ଦାଖଲ କରିଥିବା ନାମାଙ୍କନ ପତ୍ର ଓ ତତସଂଲଗ୍ନ ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ନିର୍ବାଚନରେ ମୋକିମଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିଥିବା ବେଳେ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଦେବାଶିଷ ସାମନ୍ତରାୟଙ୍କୁ ୩ ହଜାରରୁ ଅଧିକ ଖଣ୍ଡ ଭୋଟରେ ହରାଇଥିଲେ। ସତ୍ୟପାଠରେ ଅପରାଧିକ ମାମଲା, ସମ୍ପତ୍ତି ଆଦି ସମ୍ପର୍କରେ ତଥ୍ୟ ଲୁଚାଇଥିବା ଅଭିଯୋଗରେ ପରାଜିତ ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ଗତ ୨୦୧୯ ଜୁଲାଇ ୩ରେ ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାୟର କରିଥିଲେ। ତେବେ ଦୀର୍ଘ ୪ବର୍ଷ ୮ ମାସ ପରେ ଏହି ମାମଲାରେ ଆଜି ରାୟ ପ୍ରକାଶ ପାଇଛି। ଯେଉଁ ରାୟରେ ମୋକିମଙ୍କ ନିର୍ବାଚନ ଅସିଦ୍ଧ କରିଛନ୍ତି ହାଇକୋର୍ଟ।

### ୧୩୬କାର୍ଯ୍ୟ ଦିବସରେ ଶୁଣାଣି, ୬୯୩ ପୃଷ୍ଠାର ରାୟ

ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ପ୍ରାୟ ୧୩୬ଟି କାର୍ଯ୍ୟ ଦିବସରେ ହୋଇଥିଲା। ଯେଉଁଥିରେ ୧୧୪ଟି ଅର୍ଡର ମଧ୍ୟ ପ୍ରକାଶ ପାଇଥିଲା। ମାମଲାର ଶୁଣାଣି ଶେଷ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଜି ଏହି ମାମଲାରେ ୬୯୩ ପୃଷ୍ଠାର ଏକ ବିସ୍ତୃତ ରାୟ ପ୍ରକାଶ ପାଇଛି।

### ୩ ଥର ତଣ୍ଡ ଗଣିଛନ୍ତି ମୋକିମ

ମାମଲାରେ ପ୍ରତିପକ୍ଷ ତଥା ଇଂ ମହମ୍ମଦ ମୋକିମଙ୍କ ପକ୍ଷରୁ ମାମଲା ଶୁଣାଣି ଘୁଞ୍ଚାଇବାକୁ ବିଭିନ୍ନ ସମୟରେ ଅନ୍ତରୀଣ ଆବେଦନ ହୋଇଥିଲା। ଏଥିପାଇଁ ତାଙ୍କୁ ୩ଥର ତଣ୍ଡ ଆକାରରେ ଗଣିବାକୁ ପଡ଼ିଛି। ଥରେ ୫ ହଜାର ଓ ଦୁଇଥର ୧୦ହଜାର ଟଙ୍କା ଲେଖାଁଏ ତଣ୍ଡ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରାଶି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ କଲ୍ୟାଣ ପାଣ୍ଠିରେ ଜମା କରିଥିଲେ ମୋକିମ।



### ଘଟଣାକ୍ରମ

୨୦୨୩ ଏପ୍ରିଲ ୧୨ରେ ଦେବାଶିଷଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିଲା ବେଳେ ୨୦୨୩ ଜୁଲାଇ ୨୦ରେ ତତ୍କାଳୀନ ନିର୍ବାଚନ ଅଧିକାରୀ ସୁକାନ୍ତ ପ୍ରଧାନଙ୍କ ସାକ୍ଷ୍ୟ ଗ୍ରହଣ ହାଇକୋର୍ଟରେ ଶେଷ ହୋଇଥିଲା। ଗତ ୨୦୨୩ ଅଗଷ୍ଟ୧୪ ତାରିଖରୁ ମୋକିମଙ୍କୁ ଜେରା ଆରମ୍ଭ ହୋଇ ଅକ୍ଟୋବର ୬ରେ ସରିଥିଲା। ୨୦୨୩ ନଭେମ୍ବର ୧ରେ ସମ୍ପୂର୍ଣ୍ଣ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଥିଲା। ଗତ ୨୦୨୩ ନଭେମ୍ବର ୮ରେ ପ୍ରଥମେ କେଉଁ ପକ୍ଷ ଯୁକ୍ତି ଉପସ୍ଥାପନ ଆରମ୍ଭ କରିବେ ସେ ନେଇ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ମାମଲାରେ ପ୍ରଥମେ ପ୍ରତିପକ୍ଷଙ୍କ ଆଇନଜୀବୀ ଯୁକ୍ତି ଉପସ୍ଥାପନ ଆରମ୍ଭ କରିବେ ବୋଲି ହାଇକୋର୍ଟ କହିଥିଲେ। ୨୦୨୩ ନଭେମ୍ବର୨୦ରେ ଉଭୟ ପକ୍ଷ ସେମାନଙ୍କ ଯୁକ୍ତି ଉପସ୍ଥାପନ ୨୦୨୪ ଜାନୁଆରୀ ୩୧ସୁଦ୍ଧା ସାରିବେ ବୋଲି କହିଥିଲେ ହାଇକୋର୍ଟ। ଗତ ୨୦୨୪ଫେବୃଆରୀ ୭ରେ ଶୁଣାଣି ଶେଷ କରିବା ସହ ରାୟକୁ ସଂରକ୍ଷିତ ରଖିଥିଲେ ଅଦାଲତ। ଏହି ମାମଲାରେ ତତ୍କାଳୀନ ନିର୍ବାଚନ ଅଧିକାରୀଙ୍କ ସମେତ ଆବେଦନକାରୀଙ୍କ ପକ୍ଷରୁ ଦୀପଙ୍କର ଆଚାର୍ଯ୍ୟ ଓ ପ୍ରତିପକ୍ଷଙ୍କ ପକ୍ଷରୁ ୪ଜଣ ସାକ୍ଷୀ ତଥା ଆଇନଜୀବୀ ସନ୍ତୋଷ ଲେଙ୍କା, ଆଇନଜୀବୀ ପ୍ରଶାନ୍ତ ମହାନ୍ତି ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ସୌର୍ଯ୍ୟ ମହାପାତ୍ର ଓ ମୋକିମଙ୍କ ଝିଅ ସୋଫିଆ ଫିରଦୋସ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ।

### ସୁପ୍ରିମକୋର୍ଟରେ ଅପିଲ ପାଇଁ ସୁଯୋଗ ରହିଛି: ମୋକିମ



ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାରେ ଆଜି ଯେଉଁ ରାୟ ପ୍ରକାଶ ପାଇଛି ତାହାକୁ ସମ୍ମାନ କରୁଛି। ଏହି ରାୟ ବିରୋଧରେ ଅପିଲ ପାଇଁ ମୋ ନିକଟରେ ସୁଯୋଗ ରହିଛି। ଏଥିପାଇଁ ଆଇନଜୀବୀଙ୍କ ସହ ପରାମର୍ଶ କରିବି। ଏହି ରାୟ ୨୦୧୯ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଥିଲା। ମୋ କାର୍ଯ୍ୟକାଳ ପ୍ରାୟ ଶେଷ ହୋଇଛି। ୨୦୨୪ ନିର୍ବାଚନ ଲଢିବା ପାଇଁ ବାଧକ ନାହିଁ। ଏହି କିଛି ପ୍ରଭାବିତ କରିବ ନାହିଁ ବୋଲି କହିଛନ୍ତି ଇଂ ମହମ୍ମଦ ମୋକିମ।

### ସତ୍ୟର ଜୟ ହୋଇଛି: ଦେବାଶିଷ



ଅଦାଲତ ଆଜି ଏକ ଐତିହାସିକ ରାୟ ପ୍ରକାଶ କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ସତ୍ୟର ବିଜୟ ହୋଇଛି। ଏହି ରାୟ ଆସିବା ଫଳରେ ମୋକିମ ବିଧାୟକ ହୋଇ ନ ଥିଲେ ବୋଲି ସ୍ପଷ୍ଟ ହୋଇଛି। ଏଣୁ ତାଙ୍କୁ ଏବେ ବିଧାୟକ କିମ୍ବା ପୂର୍ବତନ ବିଧାୟକ ଭାବେ ବିବେଚନା କରାଯିବ ନାହିଁ କି ସେ ପେନସନ ପାଇବାକୁ ଯୋଗ୍ୟ ନୁହଁନ୍ତି। ନାମାଙ୍କନ ପତ୍ର ଦାଖଲ ବେଳେ ମିଥ୍ୟା ତଥ୍ୟ ଦେବା ସହ ଲୋକଙ୍କୁ ଭୁଆଁ ବୁଲାଇ ବିଜୟୀ ହୋଇଥିଲେ। ଯେକୌଣସି ଦଳର ପ୍ରାର୍ଥୀ ହୁଅନ୍ତୁ ନା କାହିଁକି ତାଙ୍କ ବିଷୟରେ ଜାଣିବା ପାଇଁ ସାଧାରଣ ଭୋଟର ସଚେତନ ହେବା ଉଚିତ। ସେହିପରି ନିର୍ବାଚନ ଅଧିକାରୀମାନେ ନାମାଙ୍କନ ପତ୍ର ଗ୍ରହଣ କରିବା ବେଳେ ଏଣିକି ଯାଞ୍ଚ ଦିଗରେ ଅଧିକ ସତର୍କ ହେବେ ବୋଲି କହିଛନ୍ତି ପରାଜିତ ପ୍ରାର୍ଥୀ ତଥା ବର୍ତ୍ତମାନର ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା



କଟକ, ୪।୩(ସମିସ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗ ଓ ଆଇଆଇଟି, କାନପୁର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କର୍ମଶାଳାକୁ ଉଦ୍‌ଘାଟନ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ଣ୍ଣିଂ ଭଳି କମ୍ପ୍ୟୁଟର ପ୍ରୋଗ୍ରାମର ଅଗ୍ରଗତି ଓ ଉପଯୋଗ ସମ୍ବନ୍ଧିତ ଏହି କର୍ମଶାଳା ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ମାର୍ଗଦର୍ଶନରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କର୍ମଶାଳାରେ ଅଂଶଗ୍ରହଣ କରିଥିବା ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଆଲୋଚ୍ୟ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ତଥା ବିଶେଷଜ୍ଞ ବକ୍ତା ଭାବରେ ବାଙ୍ଗାଲୋରସ୍ଥିତ ସ୍ମିୟର୍ସ ଏଜୁକେଶନ୍ ଗ୍ରୁପ୍‌ର ପ୍ରମୁଖ ପରାମର୍ଶଦାତା ପ୍ରତାପ ଚନ୍ଦ୍ର ପାଢ଼ୀ ଯୋଗଦେଇ ବୈଷୟିକ ଅଧିବେଶନରେ ପ୍ରଦର୍ଶନ ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ଡ. ନୟନ ରଞ୍ଜନ ସାମଲ ଓ ପ୍ରାଧ୍ୟାପକ ଡ. ତୁଷାରକାନ୍ତ ସାମଲଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଓ ଶତାଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ।

# ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି)ର ବିକ୍ଷୋଭ




କଟକ, ୪।୩(ସମିସ)

ଜିଲ୍ଲାର ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ବିଦ୍ୟୁତ ସେବା କ୍ଷେତ୍ରରେ ସଙ୍କଟ, କଟକ ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ବସ୍ତିବାସିନ୍ଦାଙ୍କୁ ନ୍ୟାୟୋଚିତ ଭାବେ ଥଇଥାନ କରା ନ ଯିବା ତଥା ରେସନକାର୍ଡ ନ ଥିବା ପରିବାରଠାରୁ ପଟ୍ଟା ବାବଦକୁ ଅତ୍ୟଧିକ ଅର୍ଥରାଶି ଦାବି କରିବା ବିରୁଦ୍ଧରେ କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ(ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ସଂଗଠକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ମାଳବିକା ସାମଲ, ଅକ୍ଷୟ ରାଉଳ, ପରମାନନ୍ଦ ସେଠୀ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ଆଇନଜୀବୀ ସୁକାନ୍ତ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସିପ୍ରା ମହାନ୍ତି, ପ୍ରିୟଦର୍ଶନ ପାଢେଲ, ସ୍ୱାଧିନୀ ବେହେରା, ଆଡଭୋକେଟ୍ ପ୍ରତାପ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଶୋଭାରାଣୀ ଦେହୁରୀ, ଝରଣା ଦାସ, ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ପରେ ୧୩ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ସମସ୍ତ ଦାବିଗୁଡିକ ଅବିଳମ୍ବେ ପୂରଣ ନ ହେଲେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଜିଲ୍ଲାବାସୀଙ୍କୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି।





# କଟକ ସିଟି

## ଗାନ୍ଧୀପଲ୍ଲୀରେ ଜଘନ୍ୟ ହତ୍ୟାକାଣ୍ଡ; ଅଭିଯୁକ୍ତ ଫେରାର

# ପ୍ରେମରେ ବିଫଳ ହେବାରୁ ମା'ଙ୍କୁ ହତ୍ୟା

- ଝିଅକୁ ଅସଦାଚରଣ କରି ଗିରଫ ହୋଇଥିଲା ଅଭିଯୁକ୍ତ
- ଘଟଣାସ୍ଥଳରୁ ଜବତ ହେଲା ରକ୍ତଭିଜା ଛୁରୀ ଓ ଲୁଗା

କଟକ,୪ ।୩(ସମିସ)

ସିଆର୍ଆର୍ଆଇ ଥାନା ଅନ୍ତର୍ଗତ ଗାନ୍ଧୀପଲ୍ଲୀରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ପ୍ରେମରେ ବିଫଳ ହେବାରୁ ସ୍ଥାନୀୟ ଜଣେ ନିଶାଗ୍ରସ୍ତ ଯୁବକ ଝିଅର ମା' ଭାରତୀ ସାହୁଙ୍କୁ ହତ୍ୟା କରିଛି। ଦେଢ ବର୍ଷ ହେବ ଏକତରଫା ପ୍ରେମକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୨ଦିନ ହେବ ହତ୍ୟାକାରୀ ଓ ମୃତକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଆଜି ନିଶା ସେବନ କରି ଅଭିଯୁକ୍ତ ଜଣକ ଏହି ହତ୍ୟାକାଣ୍ଡ ଘଟାଇଛି। ଅଭିଯୁକ୍ତର ଘର ନେହେରୁପଲ୍ଲୀ ହୋଇଥିବା ବେଳେ ତା' ନାଁ କୁନା ଭୂୟାଁ(୨୧)। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀ ଓ ପରିବାର ଲୋକଙ୍କ ବୟାନ୍ ରେକର୍ଡ କରିଛି। ଘଟଣାସ୍ଥଳରୁ ରକ୍ତଭିଜା ଭଙ୍ଗା ଛୁରୀ ଓ ଲୁଗା ଜବତ ହୋଇଛି। ଜୋନ୍ ଏସିପି କୃଷ୍ଣ ସେଠୀ ଓ ଆଇଆଇସି ବିଜୟ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ଅଭିଯୁକ୍ତ କୁନା ଫେରାର୍ ଅଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗାନ୍ଧୀପଲ୍ଲୀ ଅଞ୍ଚଳରେ ଭାରତୀଙ୍କ ଘର। ତାଙ୍କ ସ୍ୱାମୀ ସୁରେଶ ସାହୁ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଭାରତୀଙ୍କ ୪ଝିଅ। ବଡ଼ ଝିଅ ଘରେ ରନ୍ଧାବଢ଼ା ତଥା ଘର କାମ କରୁଥିବା ବେଳେ ଉଭୟ ଭାରତୀ ଓ ତାଙ୍କ ସ୍ୱାମୀ ବାହାରକୁ କାମ କରିବାକୁ ଯାଆନ୍ତି। ଆଉ ୩ ଝିଅ ଛୋଟ ଛୋଟ ହୋଇଥିବାରୁ ବଡ଼ ଝିଅ ସେମାନଙ୍କ ଦାୟିତ୍ୱ ନେଇଥାଏ। ସ୍ଥାନୀୟ ଅଞ୍ଚଳର କୁନା (ହତ୍ୟାକାରୀ) ଭାରତୀଙ୍କ ବଡ଼ ଝିଅଙ୍କୁ ଏକତରଫା ପ୍ରେମ କରି ଗତ ଦେଢ଼ ବର୍ଷ ହେବ ହଇରାଣ କରି ଆସୁଥିଲା। ଗତ କାଳୀପୂଜାରେ ବିଦ୍ୟାଧରପୁରଠାରେ ଯାତ୍ରା ଚାଲୁଥିବା ସମୟରେ ତାଙ୍କ ବଡ଼ ଝିଅଙ୍କୁ ପ୍ରେମ



ନିବେଦନ କରିଥିଲା। ସେଥିରେ ସେ ରାଜି ନ ହେବାରୁ ଅଭିଯୁକ୍ତ ଅସଦାଚରଣ କରିଥିଲା। ଏହା ପରେ ଭାରତୀ ସିଆରଆରଆଇ ଥାନାରେ ଏତଲା ଦେଇଥିଲେ। ପୁଲିସ କୁନାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ୍‌ରୁ ମୁକୁଳିବା ପରେ କୁନା ପୁଣି ଥରେ ଭାରତୀଙ୍କ ଝିଅକୁ ହଇରାଣ କରୁଥିଲା। ତାଙ୍କ ଘର ବାରଣ୍ଡାରେ ବସି କମେଣ୍ଟ୍ ମାରିବା ସହିତ ପ୍ରେମରେ ରାଜି ନ ହେଲେ ଝିଅକୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲା। କୁନା ଗତ ୨ଦିନ ହେବ ନିଶାସେବନ କରି ଭାରତୀଙ୍କୁ ଗାଳିଗୁଲଜ କରିଥିଲା। ଆଜି ସନ୍ଧ୍ୟାରେ ହଠାତ୍ ସେ ଏକ ଛୁରୀ ନେଇ ଭାରତୀଙ୍କ କବାଟ ବାଡେଇଥିଲା। ଘର ଭିତରେ ସେ ଏକା ଥିବା ବେଳେ ତାଙ୍କ ଝିଅମାନେ ସେଠାରେ ନ ଥିଲେ। ସେ କବାଟ ଖୋଲିବା ପରେ ବଡ଼ ଝିଅକୁ ଘରେ ନ ପାଇ କୁନା ପୁଣି ଥରେ ଭାରତୀଙ୍କ ସହିତ ଝଗଡ଼ା କରିଥିଲା। ଗାଳିଗୁଲଜ କରିବା ସହିତ ପ୍ରଥମେ ଠେଲାପେଲା କରିଥିଲା। ଏହି ଠେଲାପେଲା ଭିତରେ ସାଙ୍ଗରେ କୁନା ସାଙ୍ଗରେ ନେଇଥିବା ଏକ ଛୁରୀକୁ ବାହାର କରି ଭାରତୀଙ୍କ ପେଟ ଓ ଛାତିକୁ ଏକାଧିକ ଥର ଭୁସିଥିଲା। ଘଟଣାସ୍ଥଳରେ ଭାରତୀ ବେହୋସ ହୋଇଯିବାରୁ କୁନା ସେଠାରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ସିଆର୍ଆର୍ଆଇ ଥାନା ଆଇଆଇସି ଶ୍ରୀ ବାରିକ ଘଟଣାସ୍ଥଳରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସସିବି ମେଡିକାଲ ପଠାଯାଇଥିଲା। ସେଠାରେ ଭାରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। । ଏହାପରେ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି।





ଅନ୍ୟପଟେ ଅଭିଯୁକ୍ତ କୁନା ଏକ ଅଭ୍ୟାସଗତ ଅପରାଧି। ସେ ନିଶା ସେବନ କରି ସ୍ଥାନୀୟ ଅଞ୍ଚଳର ଏକାଧିକ ଯୁବତୀଙ୍କୁ ପ୍ରେମ ନିବେଦନ କରେ। ତା'କଥାରେ ଯୁବତୀମାନେ ରାଜି ନ ହେବାରୁ ସେ ଆକ୍ରମଣ କରୁଥିବା ପୁଲିସ କହିଛି। ପୂର୍ବରୁ ଅଭିଯୁକ୍ତ ନାଁରେ ସିଆର୍ଆର୍ଆଇ, ଚାଉଳିଆଗଞ୍ଜ ଓ ମର୍କତନଗର ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ନିଶା ଚାଲାଣ କରିବା ଅଭିଯୋଗରେ ପୂର୍ବରୁ ସେ ଗିରଫ ହୋଇଛି। ଭାରତୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ୩ଝିଅ ଛୋଟ ହୋଇଥିବାରୁ ମା'କୁ ହରାଇବା ପରେ ସେମାନଙ୍କ ଲାଳନପାଳନ କରିବା ବାପା ସୁରେଶଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଅନ୍ୟପଟେ ଅଭିଯୁକ୍ତକୁ ଗିରଫ କରିବାକୁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରହିଛି ବୋଲି ଜୋନ୍ ଏସିପି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ଗାଡି ଚୋର ଗିରଫ

**କଟକ,୪ ।୩(ସମିସ):** ଗାଡି ଚୋରି ଘଟଣାର ତଦନ୍ତ କରିବା ସମୟରେ ଜଣେ କୁଖ୍ୟାତ ଅପରାଧୀକୁ ଚାଉଳିଆଗଞ୍ଜ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ଓଏମ୍‌ପି ଷଷ୍ଠ ବାଟାଲିୟନ ଦ୍ୱିତୀୟ କ୍ୟାମ୍ପସସ୍ଥିତ ବସ୍ତିରେ ରହୁଥିବା ଗଣେଶ ନାୟକ(୨୮)। ତା' ନିକଟରୁ ସେ ଚୋରାଇଥିବା ଗାଡିକୁ ଉଦ୍ଧାର କରାଯାଇଛି। କୋର୍ଟଚାଲାଣ ପରେ ଗଣେଶକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ଗଣେଶ ଜଣେ କୁଖ୍ୟାତ ଅପରାଧୀ ତା ନାମରେ ମଙ୍ଗଳାବାଗ ଓ ଚାଉଳିଆଗଞ୍ଜ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଥିଲା। ଗତ ଦୁଇଦିନ ପୂର୍ବେ ସେ ପୋତାପୋଖରୀ ଅଞ୍ଚଳରେ ରହୁଥିବା ରଶ୍ମିତା ମହାନ୍ତିଙ୍କ ଘର ସମ୍ମୁଖରୁ ତାଙ୍କର ଗାଡିକୁ ଚୋରାଇ ନେଇଥିଲା। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ ପରେ ଅଭିଯୁକ୍ତ ଗଣେଶକୁ ପୁଲିସ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା। ତଦ୍‌ନୁଯାୟୀ ଆଜି ତା'ର ଘରେ ଚଢ଼ଉ କରି ତାକୁ ଗିରଫ କରିଛି। ଏହାଛଡ଼ା ସେ ଲୁଚାଇ ରଖିଥିବା ଗାଡିକୁ ପୁଲିସ ଜବତ କରିଛି।

## ଡା. ମନୋରଞ୍ଜନ ଦାଶ ହେଲେ ଯକ୍ଷ୍ମା ଓ ଛାତି ରୋଗ ବିଭାଗୀୟ ମୁଖ୍ୟ

**କଟକ,୪।୩(ସମିସ):** ଏସ୍‌ସିବି ମେଡ଼ିକାଲର ଯକ୍ଷ୍ମା ଓ ଛାତିରୋଗ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ଡାକ୍ତର ମନୋରଞ୍ଜନ ଦାଶ। ଗତ ନଭେମ୍ବର ମାସରେ ଡାକ୍ତର ଦାସ ପ୍ରଫେସର ଭାବେ ପଦୋନ୍ନତି ପାଇଥିଲେ। ଯକ୍ଷ୍ମା ଓ ଛାତିରୋଗ ଚିକିତ୍ସା କ୍ଷେତ୍ରରେ ସେ ଜଣେ ଖ୍ୟାତନାମା ଚିକିତ୍ସକ। ଏପରିକି କରୋନା ମହାମାରୀ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଆଇସିୟୁର ବୃହତ୍ତମ ୟୁନିଟ୍‌କୁ ସଫଳତାର ସହ ପରିଚାଳନା କରିଥିଲେ। ଏବେ ସେ ମେଡ଼ିକାଲରେ ଯକ୍ଷ୍ମା ଓ ଛାତିରୋଗ ବିଭାଗର ମୁଖ୍ୟ ଭାବରେ ନିଯୁକ୍ତି ପାଇଛନ୍ତି। ପ୍ରଫେସର ଡାକ୍ତର ଜ୍ୟୋତି ପଟ୍ଟନାୟକ ପୂର୍ବରୁ ଏଠାରେ ବିଭାଗୀୟ ମୁଖ୍ୟ ଥିଲେ।

## ସାଂସଦଙ୍କୁ ଭେଟିଲେ କଲେଜ ସଭାପତି

**କଟକ,୪ ।୩(ସମିସ):** ରଘୁନାଥଜୀଉ ଡିଗ୍ରୀ କଲେଜର ସଭାପତି ଭାବେ ଦିଲୀପ କୁମାର କରଙ୍କୁ ଦାୟିତ୍ୱ ମିଳିବା ପରେ ସେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଭେଟିଥିଲେ। ସେଠାରେ ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ଏବଂ କଟକ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆସିଫ୍ ଅମିନ ଉପସ୍ଥିତ ଥିଲେ। କିପରି କଲେଜର ସର୍ବାଙ୍ଗୀନ ଉନ୍ନତି ହେବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ହେବା ସହ ଉଚ୍ଚମାନର ଶିକ୍ଷା ପ୍ରଦାନ କରାଯିବା ଉପରେ ଆଲୋଚନା କରିଥିଲେ।



## କମିଶରେଟ୍ ପୁଲିସର ପ୍ରାକ୍ ନିର୍ବାଚନ ପ୍ରସ୍ତୁତି

# ସିଆରପିଏଫ୍ ଓ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**କଟକ,୪ ।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ସମ୍ଭାବ୍ୟ ବିଶୃଙ୍ଖଳା ଏଡାଇବା ପାଇଁ ପୁଲିସ ପ୍ରସ୍ତୁତି ଜୋରଦାର ଚାଲିଛି। ଆଇନଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ପେସାଦାର ଅପରାଧୀ ଓ ନିଶା କାରବାର ଧରପଗଡ ଅଭିଯାନ କରାଯାଇଛି । ଏହି କ୍ରମରେ ଆଜିଠାରୁ ସହରରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। ମୁଖ୍ୟତଃ ଚିହ୍ନଟ ସମ୍ବେଦନଶୀଳ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ବଳ (ସିଆରପିଏଫ) ଓ କମିଶନରେଟ ପୁଲିସର ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ନିର୍ବାଚନ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଏଡିସିପି ଅନିଲ୍ ମିଶ୍ର ସୂଚନା ଦେଇଛନ୍ତି। ଅପରାହ୍ନ ୫ଟାରେ ଚଣ୍ଡିଛକ ପାଖରୁ ଏହି ଫ୍ଲାଗମାର୍ଚ୍ଚ ଆରମ୍ଭ କରାଯାଇଥିଲା। ସିଆରପିଏଫର ୧ କମ୍ପାନୀ (ପ୍ରାୟ ୧୩୫ ଜଣ ଯବାନ) ଓ ୨ ପ୍ଲାଟୁନ ରାଜ୍ୟ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ। ଏହି ଫ୍ଲାଗମାର୍ଚ୍ଚ ମିଶନ ରୋଡ, ସୂତାହାଟ, ଓଡିଆବଜାର ଓ ଗଙ୍ଗାମନ୍ଦିର ଅଞ୍ଚଳ ଅତିକ୍ରମ କରି ଦରଘାବଜାର ଥାନା ପାଖରେ ଶେଷ ହୋଇଥିଲା। ଏହି ସବୁ ଅଞ୍ଚଳ ଅଧିକ ସମ୍ବେଦନଶୀଳ ହୋଇଥିବାରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। ଏହିଭଳି ଫ୍ଲାଗମାର୍ଚ୍ଚ ପ୍ରତି ଦୁଇ ଦିନରେ ଥରେ କରାଯିବ। ସହରବାସୀ ନିର୍ଭୟରେ ନିଜର ମତ ସାବ୍ୟସ୍ତ କରିପାରିବା ଭରସା ଦେବା ଉଦ୍ଦେଶ୍ୟରେ ଏଭଳି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୁଲିସ କହିଛି। ଏଥିସହିତ ସହରରେ ଥିବା ଅସାମାଜିକ ବ୍ୟକ୍ତି, ଅପରାଧୀ ଓ ଖଳପ୍ରକୃତିର ବ୍ୟକ୍ତିଙ୍କୁ ଚେତାବନୀ ଦେବା ପାଇଁ ପୁଲିସ ପକ୍ଷରୁ ଏହି ଫ୍ଲାଗ୍‌ମାର୍ଚ୍ଚ ହେଉଛି। ତେବେ ସିଆରପିଏଫ କମ୍ପାନୀ ଏବେ



ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ ଭିତରେ ରହୁଛନ୍ତି। ଆଉ ବାକି ୬ କମ୍ପାନି ସିଆରପିଏଫ ପରେ କଟକ ଆସିବେ। ନିର୍ବାଚନ ବେଳକୁ ମୋଟ ୭ କମ୍ପାନୀ କେନ୍ଦ୍ରୀୟ ବଳ ରହିବେ। ଏହି ସିଆରପିଏଫ ଟିମ ଦୈନନ୍ଦିନ କଟକ ସହର ବୁଲି ଭୌଗୋଳିକ ସ୍ଥିତି ଦେଖିବେ। ଲୋକଙ୍କ ସହିତ ଆଇନଶୃଙ୍ଖଳା ନେଇ ଆଲୋଚନା କରିବେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏସବୁ କରାଯାଉଛି। ତେବେ ଡିସିପି କନଓ୍ୱର ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମନ୍ୱୟ ବୈଠକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏଥିରେ ଏଡିଏମ୍ ଶିବୋ ଟପ୍ପୋ, ରାଜ୍ୟର ୫ଟି ଜିଲ୍ଲା ପାଇଁ ରହିଥିବା ସିଆରପିଏଫର କମାଣ୍ଡିଂ ଅଫିସର ଏରଦାନ ଏକ୍କା, ଏଡିସିପି ଅନିଲ ମିଶ୍ର, ଏଡିସିପି ପ୍ରକାଶ ପାଲ ଓ ସିଆରପିଏଫ ସହିତ ସମନ୍ୱୟ ରଖିବା ପାଇଁ ନୋଡାଲ ଅଫିସର ନିଯୁକ୍ତ ହୋଇଥିବା ଏଡିସିପି ତରୁଣ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ନିଶାମଣୀ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଉଦ୍‌ଘାଟିତ

**କଟକ,୪।୩(ସମିସ):** ୧୯୭୮ ମସିହାରେ ଡଃ ନିଶାମଣୀ ମଲ୍ଲିକ ନିଶାମଣୀ ନର୍ସିଂହୋମ ଆରମ୍ଭ କରିଥିଲେ। ଏହି ବିଶ୍ୱାସ ଯୋଗ୍ୟ ନର୍ସିଂହୋମ ଡଃ ସ୍ୱାତୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଉତ୍ତୋରାତ୍ତର ଉନ୍ନତି କରି ଓଡିଶାରେ ସଫଳ ମାତୃତ୍ୱ ଏବଂ ସ୍ତ୍ରୀରୋଗ ନର୍ସିଂ ହୋମ ଭାବେ ପରିଗଣିତ ହୋଇପାରିଛି। ଏହି ସଫଳତାକୁ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ଉକ୍ତ ନର୍ସିଂହୋମ ଏବେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ରୂପାନ୍ତରିତ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ଉନ୍ନତ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡଃ ମଲ୍ଲିକ ସୁପରିକଳ୍ପିତ ଭିତ୍ତିଭୂମି ସ୍ଥାପନ କରିଛନ୍ତି। ରୂପାନ୍ତରିତ ଚିକିତ୍ସାଳୟର ଅସ୍ତ୍ରୋପଚାର କକ୍ଷରେ ବିଭିନ୍ନ ପ୍ରକାର ଚିକିତ୍ସା



ପଦ୍ଧତି, ଆଧୁନିକ ଓ ସଙ୍କଟପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ଉପକରଣ ଉପଲବ୍ଧ କରାଯାଇଛି। ବାହ୍ୟ ରୋଗୀ ଚିକିତ୍ସା ପାଇଁ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ ବିଭିନ୍ନ ରୋଗ ପାଇଁ ସେବା ଉପଲବ୍ଧ କରାଯାଇଛି। ଏତଦବ୍ୟତୀତ କୋଲକାତାର ସୁନାମଧନ୍ୟ ବନ୍ଧ୍ୟାତ୍ୱ ବିଶେଷଜ୍ଞ ଡଃ ରାଜୀବ ଅଗ୍ରୱାଲ, ରିନ୍ୟୁ ହେଲ୍ଥ କେୟାର ସହଯୋଗିତାରେ ଆଧୁନିକ ବନ୍ଧ୍ୟାଦୋଷ ଦୂରୀକରଣ ଆଇଭିଏଫ ପ୍ରୟୋଗଶାଳା ନିର୍ମାଣ ହୋଇଛି। ଯେଉଁଠାରେ ସାମାଜିକ ଚିନ୍ତାଧାରା ଓ ସହାନୁଭୂତି ପୂର୍ଣ୍ଣ ଲକ୍ଷ ରଖି ପିତାମାତା ହେବାର ସ୍ୱପ୍ନ ସାକାର କରିବାର ନିମିତ୍ତ ବନ୍ଧ୍ୟାତ୍ୱ ଦୂରୀକରଣ ଚିକିତ୍ସା ପଦ୍ଧତି ଯୋଗାଇ ଦିଆଯିବ। ନିଶାମଣୀ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଫେସର ଡଃ ଜୟନ୍ତ ପଣ୍ଡା, ସିଡିଏ ଅଧ୍ୟକ୍ଷ ଅନୀଲ ସାମଲଙ୍କ ସମେତ ଅନେକ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




## ଆଜି ପ୍ରବାଦ ପୁରୁଷଙ୍କ ଜୟନ୍ତୀ

# ସ୍ମୃତି ସାଇତିଛି 'ଆନନ୍ଦ ଭବନ'



ଝଡ଼ର ଇଗଲ୍। ବର୍ଷାୟାନ ଜନନାୟକ। ଯୋଗଜନ୍ମା ଓ ଉତ୍କଳପ୍ରଦେଶର ଭୂମିପୁତ୍ର ସ୍ୱର୍ଗତଃ ବିଜୟାନନ୍ଦ ପଟ୍ଟନାୟକ ତଥା ଅଗଣିତ ଓଡ଼ିଆଙ୍କ ଅତିପ୍ରିୟ ବିଜୁ ବାବୁ। ଏହି ମହାନାୟକଙ୍କର ଆଜି ହେଉଛି ପବିତ୍ର ଜନ୍ମ ଜୟନ୍ତୀ। ଓଡ଼ିଶାର କୋଣ ଅନୁକୋଣରେ ପ୍ରବାଦ ପୁରୁଷଙ୍କ ସ୍ମୃତି ଏବେ ବି ସତେଜ ରହିଛି। ମାଟି, ପାଣି, ପବନ କହୁଛି ବିଜୁ ବାବୁଙ୍କ ବିଜୟର ଗାଥା। ଏ ସବୁ ଭିତରେ କଟକ ବିଜୁ ପଟ୍ଟନାୟକ ଛକରେ ରହିଛି ତାଙ୍କ ଘର, ଆନନ୍ଦ ଭବନ। ଯେଉଁଠି ରହିଛି ବିଜୁ ବାବୁଙ୍କ ଜୀବନର ସବୁ ସ୍ମୃତି..

କଟକ,୪।୩(ସମିସ)

ଯୁଗ ପୁରୁଷ ବିଜୟାନନ୍ଦ ପଟ୍ଟନାୟକ ତଥା ଲୋକପ୍ରିୟ ଜନନେତା ବିଜୁ ବାବୁଙ୍କର ଆଜି ଜନ୍ମଜୟନ୍ତୀ। ଏଥି ପାଇଁ ସଜେଇ ହୋଇଛି ଏହି ପ୍ରବାଦପୁରୁଷଙ୍କ ବାସଭବନ 'ଆନନ୍ଦଭବନ'। କଟକ ବିଜୁ ପଟ୍ଟନାୟକ ଛକ ଠାରେ ଥିବା ଏହି କୋଠା ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଜୟନ୍ତୀ ପାଳନ କରିବା ଅବସରରେ ବିଜୁ ଜନତା ଦଳ ପକ୍ଷରୁ ସହରରେ ଅନେକ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।

ଆନନ୍ଦଭବନରେ ସାଇତା ହୋଇ ରହିଛି ବିଜୁ ବାବୁଙ୍କ ଅନେକ ସନ୍ତକ ଓ ସ୍ମୃତି। ବାଲ୍ୟ ବେଳଠାରୁ ଆରମ୍ଭ କରି ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସେ ବ୍ୟବହାର କରିଥିବା ଅନେକ ଆସବାବ ପତ୍ର ଏଠାରେ ରଖାଯାଇଛି। ୨ଟି କୋଠରୀରେ ତାଙ୍କ ଫଟୋ ଗ୍ୟାଲେରୀ ହୋଇଥିବା ବେଳେ ଅନ୍ୟ ଚାରଟି କୋଠରୀରେ ଆସବାବପତ୍ର ରହିଛି। ଉପର ମହଲାରେ ରହିଛି ପାଠାଗାର। ଏହି ପାଠାଗାରରେ ବିଜୁବାବୁଙ୍କ ଜୀବନକାହାଣୀ ସଜାଇ ରଖାଯାଇଛି। ତାଙ୍କ ବ୍ୟବହୃତ ପଲଙ୍କ, ସୋଫା, ଖାଇବା ଟେବୁଲ, ଡ୍ରେସିଙ୍ଗ ଟେବୁଲ, ଷ୍ଟାମ୍ପ ଷ୍ଟାଣ୍ଡ, ଆଲମାରୀ, କପ ପ୍ଲେଟ, ଧୋତି କୁର୍ତ୍ତା, ପୁସ୍ତକ, କଲମ, ପୋଷାକ, ଅକ୍ସିଜେନ ସିଲିଣ୍ଡର, ଇଂରାଜୀ ଓ ଓଡିଆ ଭାଷାରେ ଥିବା ତାଙ୍କ ଦସ୍ତଖତ ସ୍ଥାନ ପାଇଛି। ୨ଟି ଫଟୋ ଗ୍ୟାଲେରୀ ରହିଛି, ଯାହା ମଧ୍ୟରେ ତାଙ୍କ ପିଲାବେଳ, ପାରିବାରିକ, ରାଜନୈତିକ ଜୀବନର ଚିତ୍ର ଦେଖିବାକୁ ମିଳୁଛି। ଏଠାକୁ ଆସୁଥିବା ଲୋକମାନଙ୍କ ପାଇଁ ମୁଖ୍ୟ ଆର୍କଷଣ ହେଉଛି ବିଜୁବାବୁ ବସିଥିବା ଅବସ୍ଥାର ଏକ ପ୍ରତିମୂର୍ତ୍ତି। କିଛି ଗୁରୁତ୍ୱପୂର୍ଣ୍ଣ ଫଟୋ ରହିଛି ଯାହା ସ୍ଥାନ ଅଭାବରୁ ଆନନ୍ଦଭବନରେ ସ୍ଥାନ ପାଇପାରି ନାହିଁ। ଜୟନ୍ତୀ ଉପଲକ୍ଷେ ଆନନ୍ଦ ଭବନ ପରିସରରେ ଏସବୁ ପର୍ଦ୍ଦଶିତ କରାଯିବ ବୋଲି ସୂଚନା ମିଳିଛି।

### ଜୋର ଧରୁଛି ଭାରତ ରତ୍ନ ଦାବି

'ବିଜୁ ବାବୁ' ବିଶ୍ୱରେ ବିସ୍ମୟ। ନବଭାରତର ପ୍ରାଣପ୍ରତିଷ୍ଠାତା, ଯୁବପୀଢ଼ୀଙ୍କ ଆଦର୍ଶ ଓ ଭାରତମାଟିର ଅମୂଲ ରତ୍ନ। ତାଙ୍କୁ ଭାରତ ରତ୍ନ ମିଳୁ ବୋଲି ବିଗତ କିଛି ବର୍ଷ ହେବ ଦାବି ହୋଇ ଆସୁଛି। ମାତ୍ର ଏ ପର୍ଯ୍ୟନ୍ତ ଭାରତ ସରକାର ଏ ଦିଗରେ ଦୃଷ୍ଟି ଦେଇ ନାହାନ୍ତି। ଓଡ଼ିଆ ମାଟିର ବରପୂତ୍ର ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ ବୋଲି ହୋଇଥିବା ଦାବି ଦିନକୁ ଦିନ ଜୋର ଧରୁଛି।

### ଆନନ୍ଦର ସ୍ମାରକୀ 'ଆନନ୍ଦ ଭବନ'

ବିଜୁଙ୍କ ବାପା ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଦ୍ୱାରା ୧୯୩୧ ମସିହାରେ ଆନନ୍ଦ ଭବନ ତିଆରି ହୋଇଥିଲା। ଏହି ଘର ଥିଲା ଆନନ୍ଦର ସ୍ମାରକୀ। ଏଣୁ ଏହାର ନାମ ଆନନ୍ଦ ଭବନ ରଖିଥିଲେ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ। ଅନେକ ବର୍ଷ ବିଜୁଙ୍କ ପରିବାର ଏହି ଘରେ ରହୁଥିଲେ। ପରବର୍ତ୍ତୀ ସମୟରେ ତଥା କିଛି ବର୍ଷ ପୂର୍ବେ ରାଜ୍ୟ ସଂସ୍କୃତି ବିଭାଗ ଆନନ୍ଦ ଭବନକୁ ଜାତୀୟ ସ୍ତରର ସଂଗ୍ରହାଳୟ ମାନ୍ୟତା ଦେଇଥିଲେ। ବିଜୁ ବାବୁଙ୍କୁ ଭଲ ପାଉଥିବା ମଣିଷଙ୍କ ପାଇଁ ଏବେ ଆନନ୍ଦ ଭବନରେ ତାଙ୍କର ଅନେକ ସ୍ମୃତି ବିଜଡିତ ସାମଗ୍ରୀକୁ ସଜାଇ ରଖାଯାଇଛି।





**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆପଣ ଆଜି ଆମ ଗହଣରେ ନାହାନ୍ତି, ଏ କଥା ଯେତିକି ବିଶ୍ୱାସ ହେଉନି ସେତିକି ଭାବି ହେଉନି ଯେ, ଆପଣଙ୍କର ସ୍ନେହବୋଳା ସମ୍ବୋଧନ ଟିକେ ଶୁଣିବାକୁ ଆଉ ମିଳିବନି । ସେପାରିରେ ଥାଇ ଆପଣ ନିଶ୍ଚିତ ଦେଖି ପାରୁଥିବେ ଏଠିକାର ମାଟି ଗୋଡ଼ି, ପାଣି ପବନ ସତେ ଯେମିତି କିଛି ଗୋଟେ ହରେଇ ଥିବାର ସୂଚନା ଦେଉଛନ୍ତି । ଆପଣଙ୍କ ଅଧୁରା କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ସେପାରିରେ ଥାଇ ଆମକୁ ପଥ ପ୍ରଦର୍ଶନ କରି ଆଶୀର୍ବାଦ କରୁଥାନ୍ତୁ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛୁ, ସେ ଆପଣଙ୍କ ମହାନ୍ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ।

**✓ ନୟନ ରଞ୍ଜନ ମହାନ୍ତି**

ଆବିର୍ଭାବ: ୦୬.୦୨.୧୯୩୨ । ତିରୋଧାନ: ୨୪.୦୨.୨୦୨୪

ବଡମଙ୍ଗଳପୁର, ଧର୍ମଶାଳା, ଯାଜପୁର

**ଶୋକସନ୍ତପ୍ତ :-** ପୁଅ, ବୋହୂ: ମନୋରଞ୍ଜନ - ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ, ଜ୍ୱାଇଁ : ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି, ନାତୁଣୀ : ଶାଶ୍ୱତ, ଅଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତି, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ଉଦିତନାରାୟଣ, ନମସ୍ୟା, ବନ୍ଧୁ ଓ ପରିବାରବର୍ଗ

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଛାତ୍ରଙ୍କ ଯୋଗ ପ୍ରଦର୍ଶନ



ବାଙ୍କୀ, ୪।୩(ସମିସ): ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଷଷ୍ଠ ଶ୍ରେଣୀର ଛାତ୍ର ଏସ୍‌ପି ବଦ୍ରିନାଥ କଟକ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଆୟୋଜିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ପାଳନ ଅବସରରେ ଯୋଗ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବଦ୍ରିନାଥଙ୍କ ଯୋଗ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଶୀର୍ବାଦ ପ୍ରଦାନ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଙ୍କୀ, ୪।୩(ସମିସ): ବାଙ୍କୀ ବ୍ଲକ ଗୋଳାଗଣ୍ଡ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଁପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ସ୍ୱାଇଁଙ୍କୁ ଗ୍ରାମବାସୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ମିଳିତ ଭାବରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଆରୀ କ୍ଲଷ୍ଟର ସାଧନାକେନ୍ଦ୍ର ସଂଯୋଜକ ଭରତ ଦେଉରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଆରସିସି ରୁକ୍ ନାୟକ, ମୁଖ୍ୟବକ୍ତା ଭାବେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ବାଙ୍କୀ ବ୍ଲକ ସହକାରୀ ଶିକ୍ଷାଧିକାରୀ ଲତିକା ଦେଇ ଓ ବଳରାମ ମୁଦୁଲି, ଗୋଳାଗଣ୍ଡ ଗ୍ରାମପଞ୍ଚାୟତର ସମିତିସଭ୍ୟ ଫିରୋଜ ବରାଡ ଓ ବାଙ୍କୀ ଶିକ୍ଷକ ସଂଘ ସଭାପତି କର୍ଣ୍ଣ ରଞ୍ଜନ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୋମନାଥ ଖଟୁଆ ସଂଯୋଜନା କରିଥିବା ବେଳେ ଶିକ୍ଷକ ଦଣ୍ଡଧର ବେହେରା, ରଶ୍ମିତା ଦଳେଇ, ଟଙ୍କଧର କର, ବିଷ୍ଣୁଚରଣ ପଣ୍ଡା, କାଙ୍ଗାଳି ଚରଣ ନାୟକ ଓ କୁନି ବେହେରା ବିଦାୟ ଶିକ୍ଷକଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବେ ବର୍ଣ୍ଣନା କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ମାଝୀ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କଟକ, ୪।୩(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ରାଜହଂସ ଗ୍ରାମର ମା' ହସ୍ତିବାହିନୀ କ୍ରିକେଟ କ୍ଲବ ପକ୍ଷରୁ ସଦର ଅଞ୍ଚଳର ୧୬ ଟିମକୁ ନେଇ ମା ହସ୍ତିବାହିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ରାଜହଂସ ଉପର ସାହି ଟିମ ସହିତ ସେହି ଗ୍ରାମର ତଳ ସାହି ଟିମକୁ ଭେଟିଥିଲା। ଏଥିରେ ଉପରସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ବିନିମୟରେ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ତଳସାହି ସମସ୍ତ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ରଞ୍ଜନ ଦାଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୂର୍ବାହ୍ନରେ ବିଶିଷ୍ଟ ଶିଳ୍ପପତି ଦିନେଶ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ତାପସ ରାଉତରାୟ ଓ ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ମ୍ୟାଚକୁ ସାଜନ୍ ସାହୁ ଓ ଇର୍ଫାନ ଭୋଇ ଅମ୍ପାୟର ଭାବେ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଶୁଭଙ୍କର ରଣା ଥିଲେ। ଟୁର୍ଣ୍ଣାମେଣ୍ଟକୁ ଆଲୋକ ଲାଲ, ସୁରେଶ ସିଂହ, ଉମାକାନ୍ତ ମହାନ୍ତି, ପରେଶ୍ ସିଂହ, ଦିପୁନା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲିଠାରୁ ବିଧିବଦ୍ଧ ଭାବରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

# ସମସ୍ୟା ଭୋଗୁଛନ୍ତି କିଶନନଗର ଅଞ୍ଚଳବାସୀ

କିଶନନଗର, ୪।୩(ସମିସ)

କଟକ ଜିଲ୍ଲା କିଶନନଗର ତହସିଲ ଅଞ୍ଚଳ କଟକ ଜିଲ୍ଲାରେ ବହୁ ଉନ୍ନୟନ କାର୍ଯ୍ୟ ପାଇଁ ତିନୋଟି ବ୍ଲକ ଯଥା- କଟକ ସଦର, ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକରେ ତିନି ଭାଗ କରି ରଖାଯାଇଛି। ଏହି ଅଞ୍ଚଳର ଜମି ଜମା ପଞ୍ଜିକରଣ କାର୍ଯ୍ୟ ପାଇଁ ଜଗତସିଂହପୁର ଜିଲ୍ଲା ରଘୁନାଥପୁରକୁ ଯିବା ପାଇଁ ପଡୁଛି। ଅଞ୍ଚଳକୁ ତିନି ଭାଗରେ ବିଭକ୍ତ ହୋଇଥିବା ପଞ୍ଚାୟତ ଗୁଡିକର ଲୋକମାନେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୨୦ରୁ ୨୫ କିମି ଯିବାକୁ ପଡୁଛି। ୧୯ଟି ପଞ୍ଚାୟତର ୧.୫ ଲକ୍ଷ ଲୋକ କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ତିଗିରିଆ ପରି ଛୋଟ ତହସିଲରେ ଅଦାଲତ ଥିଲେ ମଧ୍ୟ ଏଠାରେ ଅଦାଲତ ନାହିଁ। ସାମଗ୍ରିକ ଉନ୍ନତି ପାଇଁ କିଶନନଗର ବିକାଶ ମଞ୍ଚ ଦୀର୍ଘ ୭

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପନିବନ୍ଧକ କାର୍ଯ୍ୟାଳୟ କେବେ**

ବର୍ଷ ହେଲା ଦାବିପତ୍ର ପ୍ରଦାନ ଧାରଣା, ଅନଶନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି ସମସ୍ୟା ସମାଧାନ ପାଇଁ। କଟକ ଜିଲ୍ଲାପାଳ ତାଙ୍କର ପତ୍ର ସଂଖ୍ୟା ୧୫୭୬ ତା ୨୧.୦୮.୨୦୧୮ରେ ସରକାରଙ୍କୁ ପ୍ରମୁଖ ସମସ୍ୟା ସମାଧାନ ପାଇଁ ପତ୍ର ଦେଇଛନ୍ତି। ଦାବିକୁ ବିଚାରକୁ ନେଇ ସରକାର କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ବିବରଣୀ ମାଗିଛନ୍ତି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କର ପତ୍ର ସଂଖ୍ୟା ୩୨୭୪ ତା ୨୧.୦୩.୨୦୧୮ରେ ସକାରାତ୍ମକ ବିବରଣୀ ଦେଇଛନ୍ତି। ଭିତ୍ତିଭୂମି ଥାଇବି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରୁନି। ଯଦି ଓ ଅନ୍ୟ ଅଞ୍ଚଳ ପ୍ରତି ସରକାର ସଦୟ। ଉପନିବନ୍ଧକ କାର୍ଯ୍ୟାଳୟ ଜମି ଜମା ପଞ୍ଜିକରଣ ପାଇଁ ବାରମ୍ବାର ଦାବି ପରେ ସରକାର ସବୁ ତହସିଲରେ କରିବାକୁ ସରକାର ନିଷ୍ପତି ନେଲେ ଓ କଟକ ମହାନୀରିକ୍ଷକ, ପଞ୍ଜିକରଣ, ତାଙ୍କର ପତ୍ର ସଂଖ୍ୟା ୨୮୫୮ ତା ୨୭.୦୭.୨୦୨୨ରେ ବିବରଣୀ ସଂଗ୍ରହ କଲେ କିନ୍ତୁ ଘୋଷଣା ଫାଇଲ ଭିତରେ ରହିଗଲା। ଏହା ମଧ୍ୟରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ନବୀକରଣ ହେଲାଣି କିନ୍ତୁ କିଶନନଗରକୁ ପ୍ରଶାସନ ଭୁଲି ଗଲା। ତେଣୁ ଅଧିକ ଜନ ଅସନ୍ତୋଷ ନ ବଢ଼ିବାକୁ ନିର୍ବାଚନ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପନିବନ୍ଧକ କାର୍ଯ୍ୟାଳୟ ଜମି ଜମା ପଞ୍ଜିକରଣ କାର୍ଯ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶନାମା ଜାରି କରିବା ପାଇଁ କିଶନନଗର ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ବଡ଼ମ୍ବା, ୪।୩(ସମିସ): ନରସିଂହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ବୃନ୍ଦାବନ ରାଉତଙ୍କ ଧର୍ମ ପତ୍ନୀ ରାଧାମଣୀଙ୍କର ୮୩ ବର୍ଷ ବୟସରେ ପରଲୋକ ଘଟିଛି। ରାଧାମଣୀ ଅସୁସ୍ଥ ହୋଇ ତାଙ୍କର ବଡ ପୁଅଙ୍କ ବାସଭବନ ହାଇଦ୍ରାବାଦରେ ରହି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୧ ତାରିଖ ଦିନ ହାଇଦ୍ରାବାଦ ଘରୋଇ ହସ୍ପିଟାଲରେ ତାଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ସମୟରେ ତାଙ୍କର ୪ ପୁତ୍ର ମଧ୍ୟରୁ ତାଙ୍କର ତିନି ପୁତ୍ର ୨ ପୁତ୍ର ବଧୂ ୨ ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ହାଇଦ୍ରାବାଦ ସ୍ଥିତ ଏକ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଦ୍ୱିତୀୟ ପୁତ୍ର ଇଞ୍ଜିନିୟର ଅରବିନ୍ଦ କୁମାର ରାଉତ ମୁଖାଗ୍ନି ଦେଇଥିଲେ। ରାଧାମଣୀଙ୍କ ମୃତ୍ୟୁରେ ନରସିଂହପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସମାସେବୀ ଧର୍ମପରାୟଣ ଓ ମିଷ୍ଟଭାଷୀ ମହିଳା ଥିଲେ।

**ସରିଲା ମାଟ୍ରିକ ପରୀକ୍ଷା**

## ସଦର ବ୍ଲକର ପରୀକ୍ଷା ଦେଲେ ୨୪୧୫ ଛାତ୍ରଛାତ୍ରୀ

କଟକ, ୪।୩(ସମିସ): ଚଳିତ ବର୍ଷର ମାଟ୍ରିକ ପରୀକ୍ଷା କଟକ ସଦର ବ୍ଲକର ୨୩ଟି ପଞ୍ଚାୟତ ଅଞ୍ଚଳରେ ମୋଟ ୧୩ଟି ପରୀକ୍ଷା କେନ୍ଦ୍ରରେ ଶେଷ ହୋଇଛି। ଏଥିରେ ନୂଆବଜାର ହାଇସ୍କୁଲରେ ୨୧୩ ଜଣ, ରତ୍ନାକର ବିଦ୍ୟାମନ୍ଦିର, ବିରିବାଟିରେ ୧୭୮ଜଣ, ଗୋପାଳ ସ୍ମୃତି ବିଦ୍ୟାପୀଠ, ସିଦ୍ଧେଶ୍ୱରପୁରରେ ୧୭୮ଜଣ, ସରକାରୀ ପ୍ରେସ କଲୋନୀ ହାଇସ୍କୁଲରେ ୨୧୨ଜଣ, ଖାନନଗର ହାଇସ୍କୁଲରେ ୨୪୮ଜଣ, ବେଣ୍ଟକାରା ହାଇସ୍କୁଲରେ ସର୍ବାଧିକ ୨୬୬ଜଣ, ମା ତାରିଣୀ ହାଇସ୍କୁଲ, ଗୋପାଳପୁରରେ ୨୫୬ଜଣ, ଶଙ୍ଖତ୍ରାସ ହାଇସ୍କୁଲରେ ୧୩୩ ଜଣ, ସାଇଁନ୍ଧ ହାଇସ୍କୁଲରେ ୧୯୧ଜଣ, ଲକ୍ଷେଶ୍ୱର ହାଇସ୍କୁଲରେ ୧୭୪ଜଣ, ତେଲଦିଆ ହାଇସ୍କୁଲରେ ସର୍ବନିମ୍ନ ୧୨୪ଜଣ, ସାଧୁ ଚରଣ ବିଦ୍ୟାପୀଠ, ନାନପୁରରେ ୧୫୪ଜଣ ଓ ଚିନ୍ତାମଣି ବିଦ୍ୟାପୀଠ, କିଶନନଗରରେ ୧୩୦ଜଣ, ଏହିପରି ମୋଟ ୨୪୫୭ଜଣ ପରୀକ୍ଷାର୍ଥୀ ରହିଥିଲେ। ଲକ୍ଷେଶ୍ୱର ହାଇସ୍କୁଲ ଓ ସାଧୁଚରଣ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ କିଶନନଗର ସ୍ଥିତ ଚିନ୍ତାମଣି ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ବ୍ୟବସ୍ଥିତ ଢଙ୍ଗରେ ଓ ଶାନ୍ତିଶୃଙ୍ଖଳା ସହିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଶେଷ ହୋଇଥିବାବେଳେ ୨୪୫୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାରୁ ମୋଟ ୨୪୧୫ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷା ଅଧିକାରିଣୀ ସରସ୍ୱତୀ କାନୁନଗୋ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ କହିଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




ମାହାଙ୍ଗା, ୪।୩(ସମିସ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଗୋକନ ନୋଡାଲ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସିଆରସିସି ନିହାର ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଇଓ ଚକ୍ରଧର ବେହେରା, ମୁଖ୍ୟବକ୍ତା ଭାବେ ସାଇନ୍ସ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନୀତ ଅତିଥିଭାବେ ଗୋକନ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର ନାୟକ, ଏବିଇଓ ସୋମନାଥ ରାମ, ପୂର୍ବତନ ପ୍ରଧାନଶିକ୍ଷକ ଅଜୟ ସ୍ୱାଇଁ, ଗୋକନ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ନାୟକ, ବିଜୟ ନାୟକ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରି ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ଗୌରାଙ୍ଗ ଚରଣ ଜେନା, ସେକ ମୁର୍ସିଦ ମହମ୍ମଦ, ମନୋଜ ବଳ, ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ପରିଡ଼ା, ରଶ୍ମିତା ପ୍ରଧାନ, ପ୍ରତିଭା ଜେନା, ଶ୍ରଦ୍ଧାରଞ୍ଜନ ନାୟକ, ଚନ୍ଦନ ସ୍ୱାଇଁ, ଧରଣୀଧର ଦାସ, ଗୋପାଳକୃଷ୍ଣ ମହାନ୍ତି, ପ୍ରଭଞ୍ଜନ ସାମଲ, ଅଶୋକ ପ୍ରଧାନ, ରମେଶ ଚନ୍ଦ୍ର ବାରିକ, ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅସ୍ମିରେଖା ରାଉଳଙ୍କ ସମେତ ପରିଚାଳନା କମିଟି ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନିଳିମା ପାତ୍ର ଅତିଥି ପରିଚୟ, ସୁଶାନ୍ତ କୁମାର ନାୟକ ବିବରଣୀ ପାଠ ଓ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ସଂସ୍କୃତି ପକ୍ଷରୁ ବିଶ୍ୱଶାନ୍ତି ନାମଯଜ୍ଞ

ବାଙ୍କୀ, ୪।୩(ସମିସ): ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଗ୍ରାମପଞ୍ଚାୟତସ୍ଥ ହାତୀମରା ସାହି ଠାରେ ଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନ ଦୀର୍ଘ ୫୦ବର୍ଷ ହେବ ଏପରି ନାମସଂକୀର୍ତ୍ତନ ଓ ବିଶ୍ୱଶାନ୍ତି ଯଜ୍ଞ କରିଆସୁଛି। ଏହି ଅବସରରେ ଆଧ୍ୟାତ୍ମିକ ଦର୍ଶନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳମଣି କବି, ହରପ୍ରସାଦ ପଣ୍ଡା, ପ୍ରସନ୍ନ ବିଶ୍ୱାଳ, ପ୍ରମୋଦ ମହାରଣା, ସଞ୍ଜୀବ ହୋତା, ପବିତ୍ର ମୋହନ କବି ଓ ହରେକୃଷ୍ଣ ସ୍ୱାଇଁ ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅଭୟପାଦ ସମ୍ପାଦକ ସୁଦର୍ଶନ ସାହୁ, ଦୀପକ ସାମନ୍ତରା ପ୍ରମୁଖ ଯୋଗଦେଇଥିଲେ। ବିପିନି ବିହାରୀ ଦାଶ ଓ ପ୍ରଭାକର ବେହେରା ସଂଯୋଗ କରିଥିବା ବେଳେ ପସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ତିଗିରିଆ, ୪।୩ (ସମିସ): ସୋମବାର ଅପରାହ୍ନ ୨ଟା ସମୟରେ ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଲିଙ୍ଗରାଜ ଜେନାଙ୍କ ୨ ବଖରା ଚାଳ ଛପର ଘର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବାର ସୂଚନା ମିଳିଛି। ବିଦ୍ୟୁତ୍ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିବାର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ସୋମବାର ଅପରାହ୍ନ ୨ଟା ସମୟରେ ବିଦ୍ୟୁତ୍ ସର୍ଟସର୍କିଟରୁ ଭିରୁଡା ଉପରଗଡ଼ ସାହିର ଲିଙ୍ଗରାଜ ଜେନାଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ଜନସାଧାରଣଙ୍କ ପକ୍ଷରୁ ଏଥିନେଇ ତିଗିରିଆ ଦମକଳ କେନ୍ଦ୍ରକୁ ଖବର ଦିଆଯିବା ପରେ ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ କରିଥିଲେ।

ସୂଚନା ପାଇ ଆଠଗଡ଼-ତିଗିରିଆ ବିଧାୟକ ତଥା ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ବେଣୁଧର ପ୍ରଧାନ, ସମିତିସଭ୍ୟ ଧନେଶ୍ୱର ରଣା, ତିଗିରିଆ ତହସିଲଦାର ଅକ୍ଷୟ ପରିଡ଼ା, ନିଜିଗଡ଼ ରାଜସ୍ୱ ନୀରିକ୍ଷକ ରାମନାଥ ଗୁରୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ଅନୁଧ୍ୟାନ କରିବା ସହ ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇଛନ୍ତି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



# ବୁଣାକାରଙ୍କୁ ଇନଭର୍ଟର ଓ ବର୍ଦ୍ଧିତ ଭତ୍ତା ପ୍ରଦାନ

ତିଗିରିଆ, ୪।୩(ସମିସ)

ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନାରେ ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଓ ଗଦାଧରପୁର ପଞ୍ଚାୟତରେ ଥିବା ବୁଣାକାରମାନଙ୍କୁ ସୋମବାର ଇନଭର୍ଟର ଓ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି।

**୫୧୮ ବୁଣାକାରଙ୍କୁ ଇନଭର୍ଟର ଓ ୧୧୧ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ**



ନୂଆପାଟଣା ଠାରେ ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆଠଗଡ଼-ତିଗିରିଆ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ନୂଆପାଟଣା ଅଞ୍ଚଳର ୨୭୮ ଜଣ ବୁଣାକାରଙ୍କୁ ଇନଭର୍ଟର ଓ ୮୦ ଜଣ ବୁଣାକାରଙ୍କୁ ସେମାନଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ। ଅନୁରୂପ ଭାବେ ଗଦାଧରପୁର ପଞ୍ଚାୟତ ଠାରେ ଭୋଳେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ ମୁଖ୍ୟଅତିଥି ରୂପେ ଯୋଗଦେଇ ଗଦାଧରପୁର ଅଞ୍ଚଳର ୨୪୨ ଜଣ ବୁଣାକାରଙ୍କୁ ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନାରେ ଇନଭର୍ଟର ଓ ୩୮ ଜଣ ବୁଣାକାରଙ୍କୁ ସେମାନଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ।

ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ନାରୀନେତ୍ରୀ ରୂପା ଦଳେଇ, ଯୁବନେତା ମହେନ୍ଦ୍ର କୁମାର କୁଣ୍ଡୁ, ଧ୍ରୁବଚରଣ ଦାସ, ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ଆଠଗଡ଼ ବୟନଶିଳ୍ପ ଅଧିକାରୀ ଶ୍ରୀକାନ୍ତ ନାୟକ ଓ ବୟନଶିଳ୍ପ ସଂଯୋଜକ ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**କଳାକାରଙ୍କୁ ମିଳୁନି ୫ ମାସର ବକେୟା ଭତ୍ତା**

# ହନ୍ତସନ୍ତ ହେଉଛନ୍ତି ହିତାଧିକାରୀ

ମାହାଙ୍ଗା, ୪।୩(ସମିସ)

ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରି କଳାକାରଙ୍କୁ ଭତ୍ତା ଦେଉଛନ୍ତି। ହେଲେ ବହୁ ହିତାଧିକାରୀ ୫ ମାସର ବକେୟା ଅର୍ଥ ପାଇବାରୁ ବଞ୍ଚିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଖୋଦ ମାହାଙ୍ଗା ବ୍ଲକରେ। ସୂଚନା ମୁତାବକ ଗତ ୨୨.୧୦.୨୦୨୨ ମସିହାରୁ ଗତ ୨୦.୪.୨୦୨୩ ପର୍ଯ୍ୟନ୍ତ ପାଞ୍ଚ ମାସର ବକେୟା ଅର୍ଥ ପାଇ ନ ଥିବା ନେଇ ମୂଳବସନ୍ତ ପଞ୍ଚାୟତ ଧର୍ମଦାସପୁର ଗ୍ରାମର ଉତ୍ତମ ଚରଣ ଜେନା, କୁହୁଣ୍ଡା ପଞ୍ଚାୟତର ଲକ୍ଷ୍ମୀଧର ସାମଲ, ବିଶ୍ୱନାଥ ପଲେଇ ଏବଂ ରତ୍ନାକର ଓଝା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେମାନେ ଦୀର୍ଘ ୫ ମାସ ଧରି ବକେୟା ଅର୍ଥ ପାଇ ନ ଥିବାରୁ ନାନା ଅସୁବିଧାର ସହ ଜୀବନ ବିତାଉଥିବା ଅଭିଯୋଗ କରିଛନ୍ତି। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନଙ୍କ ବକେୟା ଅର୍ଥ ପ୍ରଦାନ କରିବାକୁ ସେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।



## ବିଦ୍ୟୁତ୍ ସରଞ୍ଜାମ ଚୋରି କରି ୩ ଗିରଫ

**ଚୌଦ୍ୱାର,୪।୩(ସମିସ):** ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ତାର ଓ ସରଞ୍ଜାମ ଚୋରି ଅଭିଯୋଗରେ ଚୌଦ୍ୱାର ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ପୁରୀଘାଟ ଅଞ୍ଚଳର ଟୁବୁଲା ସାମଲ, ଆକାଶ ସାମଲ ଓ ଜଗନ ଦାସ। ସେମାନେ ଚୌଦ୍ୱାରରେ ଥିବା ବିଦ୍ୟୁତ୍ ବିଭାଗ ଷ୍ଟୋର ଓ ଅନ୍ୟାନ୍ୟ ସ୍ଥାନରେ ଗଚ୍ଛିତ ଥିବା ତାର ଓ ବୈଦ୍ୟୁତିକ ସରଞ୍ଜାମ ଚୋରି କରି ଆସୁଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଚୌଦ୍ୱାର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କଟକ ପୁରୀଘାଟ ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ବହୁ ଚୋରି ସମାଗ୍ରୀ ଜବତ କରାଯାଇଛି।

# କଟକ ବତକ ଫାର୍ମ ପୁନଃ କାର୍ଯ୍ୟକ୍ଷମ

**କଟକ,୪।୩(ସମିସ)**



ଖପୁରିଆ ଠାରେ ଥିବା ବତକ ପ୍ରଜନନ ଫାର୍ମ ରାଜ୍ୟର ପ୍ରାଣୀପାଳକ ଓ ଚାଷୀମାନଙ୍କ ସହାୟତା ପାଇଁ ବତକ ଚିଆଁ ଯୋଗାଇ ଆସୁଥିଲା ବେଳେ ବର୍ଷାଧିକ କାଳ ହେବ ବନ୍ଦ ରହିଥିଲା। ଏହି ବତକ ଫାର୍ମ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ଏବେ ପୁନଃ କାର୍ଯ୍ୟକ୍ଷମ ହୋଇଛି। ଏହି ଫାର୍ମରେ ନୂତନ ଜ୍ଞାନକୌଶଳ ସମ୍ବଳିତ ହ୍ୟାଚର ଓ ସେଟର (ଚିଆଁଫୁଟା ଯନ୍ତ୍ର) ସ୍ଥାପନ କରାଯାଇଛି। ପ୍ରାଥମିକ ଅବସ୍ଥାରେ ଏଥିରେ ତିନି ହଜାର ଅଣ୍ଡା ରଖାଯାଇଛି। ଯେଉଁଥିରୁ ୨୧ ଦିନ ପରେ ବତକ ଚିଆଁ ବାହାରିବେ। ଚିଆଁ ଗୁଡିକୁ ରାଜ୍ୟର ପ୍ରାଣୀପାଳକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ବାଡି ଅଗଣାରେ ବତକ ପାଳନ ଓ ଅର୍ଦ୍ଧ ବ୍ୟାବସାୟିକ ବତକ ପାଳନ ପାଇଁ ଏହି ଚିଆଁ ଗୁଡିକ ଉପଯୋଗୀ ହେବେ। ଚିଆଁ ଫୁଟାଇବା ପାଇଁ ବତକ ଅଣ୍ଡା ବେଙ୍ଗାଲୁରୁର ହେସାରଘାଟରେ ଥିବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂସ୍ଥାରୁ ଅଣାଯାଉଛି। ଖାକି କାମ୍ପବେଲ ଓ ଇଣ୍ଡିଆନ ରନର ପ୍ରଜାତିର ବତକ ଚିଆଁ ଖପୁରିଆ ଫାର୍ମରୁ ଯୋଗାଇଦିଆଯିବ। ଏହି ଦୁଇ ପ୍ରଜାତିର ବତକକୁ ପ୍ରାଣୀପାଳକମାନେ ଉଭୟ ଅଣ୍ଡା ଓ ମାଂସ ପାଇଁ ପାଳନ କରିପାରିବେ। ବାର୍ଷିକ ପ୍ରାୟ ୧ ଲକ୍ଷ ବତକ ଚିଆଁ ଖପୁରିଆ ଫାର୍ମରୁ ଯୋଗାଇ ଦିଆଯିବ। ଖପୁରିଆ ଠାରେ ବତକ ଫାର୍ମର ପୁନଃ କାର୍ଯ୍ୟକ୍ଷମ ହେବା ରାଜ୍ୟର ପ୍ରାଣିପାଳକ ଓ ଚାଷୀଙ୍କ ପାଇଁ ଏକ ବଡ ଖୁସି ଖବର। ବତକ ଚିଆଁ ପାଇବାକୁ ଚାହୁଁଥିବା ପ୍ରାଣୀପାଳକ ମାନେ ବତକ ଫାର୍ମର ପରିଚାଳକ ଡା. ଚିତ୍ତରଞ୍ଜନ ସେଣଙ୍କୁ ତାଙ୍କ ମୋବାଇଲ ନମ୍ବର ୯୯୩୮୧୩୨୨୯୦ରେ ଯୋଗାଯୋଗ କରିପାରିବେ।

## ଦୋଳ ମେଲଣ ପ୍ରସ୍ତୁତି ବୈଠକରେ ଗଣ୍ଡଗୋଳ; ୩ ଗିରଫ

**ଚୌଦ୍ୱାର,୪।୩(ସମିସ):** ଚୌଦ୍ୱାର ପୌରପାଳିକା ୧୩ନଂ ୱାର୍ଡ ପାଇକରାପୁର ଗ୍ରାମରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗ୍ରାମର ଦୋଳ ମେଲଣ ପାଇଁ ପ୍ରସ୍ତୁତି ବୈଠକ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏ ସମ୍ପର୍କରେ ପୁଲିସ ଉଭୟ ପକ୍ଷର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ ପାଇକରାପୁର ବେହେରା ସାହି ଲୋକେ ଆଗକୁ ଆସୁଥିବା ଦୋଳ ଯାତ୍ରା ପାଇଁ ସାହି ପୂଜା ଘରେ ବୈଠକ କରୁଥିଲେ। ଏହି ସମୟରେ ଗ୍ରାମର ରବୀନ୍ଦ୍ର ବେହେରା ଓ ଦିବାକର ବେହେରା ନାମକ ୨ଜଣ ଯୁବକ ସଭାସ୍ଥଳକୁ ଆସି ଏହି ପୂଜା ଘର ଆମର, ତୁମେ ଏଠି ବୈଠକ କରିପାରିବ ନାହିଁ ବୋଲି କହି ପାଟିତୁଣ୍ଡ କରିଥିଲେ। ବୈଠକରେ ଉପସ୍ଥିତ ଲୋକମାନେ ଏହାର ପ୍ରତିବାଦ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ରବୀନ୍ଦ୍ର ଓ ଦିବାକରଙ୍କ ଆକ୍ରମଣରେ ଆଶିଷ ବେହେରା ନାମକ ଯୁବକ ଗୁରୁତର ଆହତ ହୋଇଥିବାବେଳେ ପ୍ରତି ଆକ୍ରମଣରେ ମଧ୍ୟ ଅନ୍ୟ ତିନିଜଣ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରି ରବୀନ୍ଦ୍ର, ଦିବାକର ଓ ଆଶିଷଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ ଯେ, ଗ୍ରାମର ଏହି ପୂଜା ଘରର ମାଲିକାନାକୁ ନେଇ ଗ୍ରାମବାସୀ ଓ ଏକ ପରିବାର ମଧ୍ୟରେ ଦୀର୍ଘଦିନ ହେବ ତିକ୍ତତା ଲାଗି ରହିଛି।

## ଦୁର୍ଘଟଣାରେ ଅଭିଭାବକଙ୍କ ସହ ୩ ଛାତ୍ର ଆହତ

**ବାରଙ୍ଗ,୪।୩(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ ବାଙ୍କୀ-କଟକ ମୁଖ୍ୟ ରାସ୍ତାର ପ୍ରଭାରାଉତରାୟ ମହାବିଦ୍ୟାଳୟ ସମ୍ମୁଖରେ ଏକ ଦୁର୍ଘଟଣାରେ ଜଣେ ଅଭିଭାବକ ଗୁରୁତର ହେବା ସହିତ ଅନ୍ୟ ତିନି ଜଣ ଛାତ୍ର ସାମାନ୍ୟ ଆହତ ହୋଇଛନ୍ତି। ଖବରରୁ ପ୍ରକାଶ ଯେ, ଏକ ଗୁପଚୁପ ବେପାରୀ ଠେଲାଗାଡ଼ିରେ ଗୋଡ଼ିସାହି ପ୍ରଭାରାଉତରାୟ ମହାବିଦ୍ୟାଳୟ ସାମନାରେ ରାସ୍ତା ପାଖରେ ଛିଡାହୋଇ ବେପାର କରୁଥିଲେ। ସାତ/ଆଠଜଣ ଛାତ୍ର ମାଟ୍ରିକ ପରୀକ୍ଷା ସାରି ଗୁପଚୁପ ଖାଉଥିବା ବେଳେ ଅଚାନକ ଏକ କାର ବାଙ୍କୀପଟୁ ଯାଉଥିବାଅବସ୍ଥାରେକୌଣସିକାରଣରୁଭରସାମ୍ୟହରାଇଉକ୍ତଠେଲାଗାଡିକୁ ଧକ୍କାଦେବା ଫଳରେ ଜଣେ ଅଭିଭାବକ ଓ ତିନି ଜଣ ଛାତ୍ର ଆହତ ହୋଇଥିଲେ। ଆହାତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଷଣ୍ଢପୁର ସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ତେବେ ଛାତ୍ରମାନଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଥିଲା ମାତ୍ର ଅଭିଭାବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

## ଭତ୍ତା ଓ ସିକିମ ସତ୍ୱ ପଟ୍ଟା ବଣ୍ଟନ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୪।୩(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ଏବଂ ସିକିମ ସତ୍ୱ ଅଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପୌରହିତ୍ୟରେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ୧୬୦୦ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଏବଂ ୧୦୦ଜଣ ହିତାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ବଣ୍ଟନ କରିଥିଲେ। ଦଳମତ ନିର୍ବିଶେଷରେ ୬୦ବର୍ଷରୁ ଉଦ୍ଧ୍ୱର୍ ସମସ୍ତ ହିତାଧିକାରୀଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରିବା ସହିତ ଯେଉଁମାନେ ଆଜି ଆବେଦନ କରି ଭତ୍ତା ପାଇବାରୁ ବଞ୍ଚିତ ହେଲେ ସେମାନଙ୍କୁ ଖୁବ୍ ଶୀଘ୍ର ଭତ୍ତା ଦେବାର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଅତିରିକ୍ତ ତହସିଲଦାର ଅଭୟ ପ୍ରତିହାରୀ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, କୃଷକ ନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ବିପ୍ଳବ କାପ, ଭୂପତି ଭୂଷଣ ଷଣ୍ଢ, ଯୁବନେତା ନିତ୍ୟାନନ୍ଦ ସେଠୀ, ମନୋଜ ସେଠୀ, ପ୍ରମୋଦ ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା ଏବଂ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଏସ୍‌ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରସଂଗ

## କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**ଅଗ୍ନିଶମ ଡିଜି ଓ ଏସସିବି ଅଧୀକ୍ଷକଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ**

**କଟକ, ୪।୩ (ସମିସ):** ରାଜ୍ୟର ଏକ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏପର୍ଯ୍ୟନ୍ତ ଉପଲବ୍ଧ କରାଯାଇନଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁଥିବା ନେଇ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦିଆଯାଇଛି। ତେବେ ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ କରାଯିବ, ସେନେଇ ବିଭାଗୀୟ ଅଧିକାରୀମାନେ ପ୍ରଭାବୀ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି ହାଇକୋର୍ଟ। ମୈତ୍ରୀ ସଂସଦ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଗ୍ନିଶମ ଡିଜି ଓ ଏସସିବି ଅଧୀକ୍ଷକ ବ୍ୟକ୍ତିଗତ ହାଜର ହୋଇ କିପରି ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରିବ ସେ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଇବେ ବୋଲି ଖଣ୍ଡପୀଠ କହିଛନ୍ତି।

ଆର୍ ଆଣ୍ଡ ବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଆଜି ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଗତ ଜାନୁଆରୀରେ ଦିଆଯାଇଥିବା ସତ୍ୟପାଠରେ ଏସସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ୯ ମାସ ସମୟ ଆବଶ୍ୟକ ବୋଲି ଉଲ୍ଲେଖ ଥିଲା। ତେବେ ଆଜିର ସତ୍ୟପାଠରେ ମଧ୍ୟ ସମାନ ସମୟ ଲୋଡ଼ା ଯାଇଥିଲା। ଏହାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ। ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାମ ଚାଲୁ ରହିଛି। ଏସସିବିରେ ମୋଟ ୮୭ଟି କୋଠା ରହିଛି। ରୋଗୀଙ୍କୁ ସ୍ଥାନାନ୍ତର ନକରି ଏହି ବ୍ୟବସ୍ଥା କାର୍ଯ୍ୟକାରୀରେ ସମସ୍ୟା ରହିଥିବା ନେଇ ମଧ୍ୟ ସତ୍ୟପାଠରେ କୁହାଯାଇଛି। ଏହି ପ୍ରସଂଗରେ ପ୍ରତି ସୋମବାର ଦିନ ଅଦାଲତରେ ଶୁଣାଣି କରାଯିବ ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ ସମ୍ପର୍କିତ ଅଗ୍ରଗତିକୁ ମନିଟରିଂ କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଅଗ୍ନିନିର୍ବାପକ ବ୍ୟବସ୍ଥା ସଠିକ ଢଙ୍ଗରେ କାର୍ଯ୍ୟକାରୀ ହେଉନଥିବା ତଥା ବହୁ ସିସିଟିଭି ଅଚଳ ହୋଇଥିବା ନେଇ ମୈତ୍ରୀ ସଂସଦ ପକ୍ଷରୁ ୨୦୧୫ରେ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ତାରିଖକୁ ଧାର୍ଯ୍ୟ ହୋଇଛି।

### • କିଶନନଗର ତହସିଲରେ ଜିଲ୍ଲାପାଳଙ୍କ ଜନ ଶୁଣାଣି

## ୫୭ଟି ଆପତ୍ତି ଅଭିଯୋଗ ପଞ୍ଜିକୃତ



**କିଶନନଗର,୪।୩(ସମିସ):** କିଶନନଗର ତହସିଲରେ ଆଜି ସୋମବାର ଦିନ କଟକ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜଙ୍କର ଏକ ମିଳିତ ଜଣ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ୬୦ରୁ ଅଧିକ ବିଭାଗର ଅଧିକାରୀଙ୍କ ସମେତ କଟକ ସଦର ଉପଜିଲ୍ଲାପାଳ କମଲଜିତ୍ ଦାସ, କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ, କଟକ ସଦର ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ନିଶ୍ଚିନ୍ତକୋଇଲି ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି, ସାଲେପୁର ଉପଖଣ୍ଡ ପୁଲିସ ଅଧିକାରୀ ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୫୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସୁପାରିସ କରିଥିବା ଜଣାଯାଇଛି। ଶିବିର ପରିଚାଳନାରେ ତହସିଲ ଓ ଆରଆଇ ସର୍କଲର ସମସ୍ତ କର୍ମଚାରୀଙ୍କ ସମେତ ତହସିଲଦାର ମଧୁସୂଦନ ନାୟକ, ଅତିରିକ୍ତ ତହସିଲଦାର ସମୀକ୍ଷା ପାଣି, ସୁପରଭାଇଜର ଯୋଗିନାଥ ମହାନ୍ତି, ସୌଦାମିନୀ ନାୟକ, ପ୍ରତିଭା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ଏସ୍‌ଏଚ୍‌ଜିଙ୍କୁ ସହାୟତା ବଣ୍ଟନ



**ଆଠଗଡ଼,୪।୩(ସମିସ):** ଆଠଗଡ଼ ତିନି ନମ୍ବର ଜୋନ୍ ଜିଲ୍ଲା ପରିଷଦର ବିଭିନ୍ନ ପଞ୍ଚାୟତରେ ଗଠିତ ହୋଇଥିବା ଜଳ ବିଭାଜିକା ପ୍ରକଳ୍ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଭଳି ୧୬୦ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ବଣ୍ଟନ କରିଛନ୍ତି। ମହିଳା ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଜଳ ବିଭାଜିକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାୟକ, ଋତୁପର୍ଣ୍ଣା ଜେନା, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିଭୂତି ଭୂଷଣ ଶତପଥୀ, ସହାୟକ ସଂଗ୍ରାମ କୁଅଁର ଚାଷୀ ନେତା ନିରାକାର ଲେଙ୍କାଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଆଲୋଚନା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ନିଶ୍ଚିନ୍ତକୋଇଲି,୪।୩(ସମିସ):** ନଟକାଇ ସ୍ଥିତ ବଲ୍ଲଭୀଦେବୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଚାଲିଥିବା ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ଜନ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ କଲେଜ ଅଧ୍ୟକ୍ଷା ଡ.ପୁଷ୍ପିତା ଜେନାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ତଥା ସାରସ୍ୱତ ସାଧକ ପରୀକ୍ଷିତ ନାୟକ, ମୁଖ୍ୟବକ୍ତା ଭାବେ ବଲ୍ଲଭୀଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ଦାଶ ଏବଂ ସମ୍ମାନୀତ ଅତିଥି ଭାବେ ଅଧ୍ୟାପିକା ଡ. ଜୟନ୍ତୀ ସାହୁ, ଅଧ୍ୟାପିକା ଦେବଜାନୀ ରାଉତ, ଅଧ୍ୟାପିକା ସୁଚିସ୍ମିତା ପ୍ରଧାନ, ଅଧ୍ୟାପିକା ଉର୍ବସୀ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶା ଭାଷା ସାହିତ୍ୟର ପ୍ରଗତି ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଲୋପାମୁଦ୍ରା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ମାହାଙ୍ଗା ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ



**ମାହାଙ୍ଗା,୪।୩(ସମିସ):** ମାହାଙ୍ଗା ବ୍ଲକରେ ଆଜି ନୂତନ ଭାବେ ବିଶ୍ୱରଞ୍ଜନ ବିଶ୍ୱାସ ଯୋଗଦେଇଛନ୍ତି। ପୂର୍ବତନ ବିଡିଓ ଅମୀୟ କୁମାର ପଣ୍ଡାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ବିଶ୍ୱାସ ବାରଙ୍ଗ ବ୍ଲକ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ବିଡିଓ ଶ୍ରୀ ବିଶ୍ୱାସ କହିଛନ୍ତି ଯେ, ଏହି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତାଘାଟ ନିର୍ମାଣ, ସ୍ୱଚ୍ଛ ଭାରତ ଯୋଜନା ସାଙ୍ଗକୁ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ ଏବଂ ବୃଦ୍ଧବୃଦ୍ଧାଙ୍କ ଭତ୍ତା ପ୍ରଦାନ ଦିଗରେ ମୋ ସରକାର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଏହି ଅବସରରେ ନୂତନ ବିଡିଓଙ୍କୁ ସ୍ୱାଗତ କରିବା ସହିତ ପୂର୍ବତନ ବିଡିଓଙ୍କୁ ବିଦାୟ ଦିଆଯାଇଥିଲା।

## ଯୁବ ସମାଜସେବୀଙ୍କୁ ସମ୍ବର୍ଦ୍ଧନା



**କିଶନନଗର,୪।୩(ସମିସ):** କିଶନନଗର ଥାନା ତୋଟାପଡା ଉପକଣ୍ଠ ଉଦୟପୁର ଗ୍ରାମର ଯୁବ ସମାଜସେବୀ ସୁକାନ୍ତ ରାଉତଙ୍କୁ ସମାଜସେବା, ରକ୍ତଦାନ ସେବା, ପରିବେଶ ସୁରକ୍ଷା ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ କୃତିତ୍ୱ ନେଇ ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ପର୍ବରେ ପରିଷଦର ସଭାପତି ପ୍ରତିଭା ଶତପଥୀ, ସଂପାଦକ ଅଶୋକ ପଟ୍ଟନାୟକ, ସାଲେପୁର ବ୍ଲକ ସୋଗଲ ମାଟିର କୃତି ସନ୍ତାନ ଗବେଷକ ଇଂ.ବସନ୍ତ ରାଉତ, ଶିକ୍ଷାବିତ୍ ଡ.ସନ୍ତୋଷ ପଣ୍ଡା, ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ, କିଶନନଗରରୁ ପ୍ରକାଶିତ ଶିଶୁ ପତ୍ରିକା "କୁନି ପ୍ରତିଭା'ର ସମ୍ପାଦକ ସତ୍ୟ ରଞ୍ଜନ ବାରିକ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଚେତନତା



**ନିଶ୍ଚିନ୍ତକୋଇଲି,୪।୩(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ କଲେଜର ଅଧ୍ୟୟନରତ ଛାତ୍ରଛାତ୍ରୀମାନେ କିଭଳି ଶତ ପ୍ରତିଶତ ଭୋଟ ପ୍ରଦାନ କରିବେ ସେ ନେଇ ସଚେତନତା କରାଯାଇଛି। କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ନିରଞ୍ଜନ ଶତପଥୀ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡ. ସୁଚିତ୍ର ସାହୁ, ଅଧ୍ୟାପକ ଉପେନ୍ଦ୍ର ପଣ୍ଡା, ଅଧ୍ୟାପିକା ପୁଷ୍ପଲତା ବେହେରା ପ୍ରମୁଖ ଯୋଗଦେଇ ନୂତନ ଭୋଟର ମାନଙ୍କର ଭୋଟ ଗୁଡ଼ିକ ଏଥର ସମ୍ବିଧାନକୁ ସୁରକ୍ଷା ଦେବା କେତେ ଗୁରୁତ୍ୱପୂର୍ଣ୍ଣ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଯେଉଁ ଛାତ୍ରଛାତ୍ରୀଙ୍କର ଭୋଟର ତାଲିକାରେ ନୂତନ ଭାବେ ନାମ ଯୋଗ ହେଇଛି ସେମାନଙ୍କର ପ୍ରଥମ ଭୋଟ ଦେଶ ପାଇଁ ନିତ୍ୟାନ୍ତ ଭାବେ ଜରୁରୀ ବୋଲି ସଚେତନ କରାଇଥିଲେ। ଏହି ଅବସରରେ ପ୍ରତ୍ୟେକ ପିଲାଙ୍କୁ ଭୋଟ ଦେବା ପାଇଁ ଶପଥ ମଧ୍ୟ କରାଇଥିଲେ। ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ବୁଲିବେ ପର୍ଯ୍ୟଟକ

# ଦୁଇଟି ନୂତନ ସଫାରୀ ଗାଡ଼ି ଶୁଭାରମ୍ଭ

**ବାଙ୍କୀ,୪।୩(ସମିସ)**



ଆଜି ଡମପଡ଼ା ଚନ୍ଦକା ଅଭୟାରଣ୍ୟ ବୁଲିବା ପାଇଁ ଅଭୟାରଣ୍ୟର ଡମପଡ଼ା ମୁଖ୍ୟ ଫଟକ ନିକଟରେ ଦୁଇଟି ସଫାରୀ ଗାଡ଼ିକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଚନ୍ଦକା ବନ୍ୟ ପ୍ରାଣୀ ବନଖଣ୍ଡ ଅଧିକାରୀ ଶରତ ଚନ୍ଦ୍ର ବେହେରା ସବୁଜ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏହି ଗାଡ଼ି ଦ୍ୱୟରେ ପର୍ଯ୍ୟଟକମାନେ ଡମପଡ଼ା ଚନ୍ଦକା ଅଭୟାରଣ୍ୟ ଭିତରେ ଥିବା ବିଭିନ୍ନ ସ୍ଥାନ, ବନ୍ୟଜନ୍ତୁ, ପଶୁପକ୍ଷୀ, ବୃକ୍ଷଲତାଙ୍କୁ ଦେଖିବା ସହ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ସଫାରୀ ଗାଡ଼ି ଏକ ଘଣ୍ଟାକୁ ଜଣକା ପନ୍ଦର ଶହ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏହା ସକାଳ ୮ଟାରୁ ୯ଟା ଏବଂ ଅପରାହ୍ଣ ୪ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ ବୋଲି ବରିଷ୍ଠ ଏସ୍‌ସିଏଫ୍ ସଂଗ୍ରାମ କେଶରୀ ମହାନ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର, ଡମପଡ଼ା ରେଞ୍ଜ ଅଫିସର ନିରଞ୍ଜନ ମହାପାତ୍ର, ଫରେଷ୍ଟର ରାଜକୁମାର ସେଠୀ, ଭଗିପୁର ଫରେଷ୍ଟର ଅନାମ ବେହେରାଙ୍କ ସମେତ ବହୁ ବନବିଭାଗ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ଉକ୍ତ ଫାଟକ ନିକଟରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସ୍ଥାନୀୟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସ୍ଥାନୀୟ ଅଧିବାସୀଙ୍କ ସହ ଏକ ବୈଠକ କରି ବନ୍ୟ ନିଆଁକୁ କପରି ରୋକାଯାଇପାରିବ, ବନ୍ୟ ଅଞ୍ଚଳରେ ପ୍ଲାଷ୍ଟିକ୍ ପଲିଥିନ୍ ବର୍ଜନ, ବନ୍ୟ ସଂରକ୍ଷଣ କିପରି କରାଯିବ ସେ ସଂପର୍କରେ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପୂର୍ବତନ ଅବୈତନିକ ବନ୍ୟସୁରକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ତ୍ରିପାଠୀ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ କେନ୍ଦ୍ର କୋପରେଟିଭ୍ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଆଇନଜୀବୀ ଗୋ÷ରୀଶଙ୍କର ନନ୍ଦ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ସ୍ଥାନୀୟ ବାସିନ୍ଦା ଅଜିତ୍ ବେହେରା, ସମୀର ଧଳ, ଟିକିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୨ • ପାଉଣ୍ଡ ୧୦୫.୦୫
- ୟୁରୋ ୯୦.୨୫ • ୟେନ୍ ୦.୫୫

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୭୪୦ (ନୂଆଦିଲ୍ଲୀ)
- ରୁପା : ୭୩,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୮୭୨.୦୦
- ନିଫ୍ଟି ୨୨,୪୦୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୨ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ପ୍ରଫେସର ସ୍ମାରକୀଙ୍କୁ ଟିଚିଂ ଏକ୍ସଲେନ୍ସ ଆୱାର୍ଡ

**ଭୁବନେଶ୍ୱର, ୪।୩(ସିମସ):** ଆକ୍ରିଡିଟେସନ କାଉନସିଲ ଅଫ ବିଜନେସ ସ୍କୁଲସ୍ ଏଣ୍ଡ ପୋଗ୍ରାମସ୍ (ଏସିବିଏସପି) ପକ୍ଷରୁ ଭିଏତନାମର ହୋଚିମିନ ସିଟିରେ ଦକ୍ଷିଣପୂର୍ବ ଏସିଆ ରିଜନର ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏସିବିଏସପିର ପ୍ରେଷ୍ଟିଜିୟସ ଟିଚିଂ ଏକ୍ସଲେନ୍ସ ଆୱାର୍ଡ ୨୦୨୪ ପ୍ରଦାନ କରାଯାଇଥିଲା। ସାରା ବିଶ୍ୱରୁ ୧୦ ଜଣ ଏହି ଆୱାର୍ଡ ନିମନ୍ତେ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ଓଡିଶାରୁ ପ୍ରଫେସର ସ୍ମାରକୀ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଏସିବିଏସପିର ଚିଫ ଆକ୍ରିଡେସନ ଅଫିସର (ଡ.) ଷ୍ଟିଭ ପାରସ୍କେଲ ପ୍ରଫେସର ସ୍ମାରକୀଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଥିଲେ। ପ୍ରକାଶ ଥାଉ କି ଏହି ପୁରସ୍କାର ପାଇବାରେ (ଡ.) ସ୍ମାରକୀ ହେଉଛନ୍ତି ସର୍ବକନିଷ୍ଠ ଯୁବ ପ୍ରଫେସର। (ଡ.) ସ୍ମାରକୀ ପଟ୍ଟନାୟକ ଭୁବନେଶ୍ୱର ସ୍ଥିତ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ସହ ପ୍ରମୁଖ ନିର୍ଦ୍ଦେଶିକା ଦାୟିତ୍ୱରେ କାର୍ଯ୍ୟରତ। ସାଇକୋଲୋଜିକାଲ କଣ୍ଟ୍ରାକ୍ଟ ଉପରେ ତାଙ୍କର ସନ୍ଦର୍ଭ ଆମେରିକାର ବହୁଳ ପ୍ରସାରିତ ଅର୍ଗନାଇଜେସନ ଡେଭଲପମେଣ୍ଟ ଜର୍ଣ୍ଣାଲରେ ପ୍ରକାଶ ପାଇ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ଉତ୍ସବରେ ଏସିଆର ଏସିବିଏସପିର ଅଧକ୍ଷ ପ୍ରଫେସର ଟୁନ, ଏସିବିଏସପିର ପୂର୍ବତନ ଅଧକ୍ଷ୍ୟ ପ୍ରଫେସର ଦେଭି ଗ୍ୟାସପାଡ଼, ଆର୍କିଡେସନ ବୋର୍ଡ ସଦସ୍ୟ ପ୍ରଫେସର ଜେଫରି ଷ୍ଟ୍ରର୍ମ ପ୍ରମୁଖ ଉପସ୍ଥିତ ଥିଲେ।



## ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ପ୍ରଥମ ସବୁଜ ହାଇଡ୍ରୋଜେନ୍ ବ୍ୟବହାରର ଶୁଭାରମ୍ଭ

**ଭୁବନେଶ୍ୱର, ୪।୩(ସମିସ):** ଜିନ୍ଦଲ ଷ୍ଟେନଲେସ (ଜେଏସଏଲ) ଆଜି ହରିୟାଣାର ହିସାରରେ ଥିବା ଷ୍ଟେନଲେସ ଷ୍ଟିଲ ପ୍ଲାଣ୍ଟରେ ସବୁଜ ହାଇଡ୍ରୋଜେନର ପ୍ରଥମ ବ୍ୟବହାର ଆରମ୍ଭ କରିଛି ଏବଂ ସ୍ଥିରତା ପ୍ରତି ପ୍ରତିବଦ୍ଧତା ଏବଂ ନେଟ ଜିରୋ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଭାରତର ଲକ୍ଷ୍ୟ ଅନୁଯାୟୀ ଉଦ୍ୟମ ଆରମ୍ଭ କରିଛି।ନିରନ୍ତର ବିକାଶ ଦିଗରେ କମ୍ପାନୀର ପ୍ରତିବଦ୍ଧତା ଏବଂ ଭାରତର ନେଟ୍ ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ଏହା ସହାୟକ ହେବ। ଇସ୍ପାତ ମନ୍ତ୍ରଣାଳୟର ଶାସନ ସଚିବ ନାଗେନ୍ଦ୍ର ନାଥ ସିହ୍ନା, ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଓ ହାଇଜେନକୋ ଗ୍ରୀନ ଏନର୍ଜି (ବୈଷୟିକ ସହଭାଗୀ)ର ସିଇଓ ଅମିତ ବଂଶଲଙ୍କ ଉପସ୍ଥିତିରେ ମାନ୍ୟବର ଇସ୍ପାତ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନୂଆଦିଲ୍ଲୀରୁ ଭର୍ଚୁଆଲ୍ ମାଧ୍ୟମରେ ଏହାର ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପକୁ ନେଇ ଆଶାବାଦୀ ଥିବା ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସଷ୍ଟେନେବଲିଟି ପାଇଁ ଆମର ପ୍ରତିବଦ୍ଧତା ଏହି ପାଇଲଟ୍ ପ୍ରୋଜେକ୍ଟରୁ ଉର୍ଦ୍ଧ୍ୱରେ। ସଷ୍ଟେନେବଲିଟି କେବଳ ଏକ ଲକ୍ଷ୍ୟ ନୁହେଁ, ବରଂ ଏକ ଯାତ୍ରା, ଯାହା ନିରନ୍ତର ପ୍ରୟାସ ଏବଂ ନୂତନତ୍ୱ ଆବଶ୍ୟକ କରେ।



## ଭ୍ରମାତ୍ମକ ତଥ୍ୟର ମୁକାବିଲା ପାଇଁ ମେଟା ପକ୍ଷରୁ ଏକୀକୃତ ସୁରକ୍ଷା ଅଭିଯାନ

**ଭୁବନେଶ୍ୱର,୪।୩(ସମିସ):** ଭ୍ରମାତ୍ମକ ଡିଜିଟାଲ ତଥ୍ୟର ମୁକାବିଲା ପାଇଁ ମେଟା ପକ୍ଷରୁ ଏକୀକୃତ ସୁରକ୍ଷା ଅଭିଯାନ 'ପ୍ରକୃତ କ'ଣ ଜାଣନ୍ତୁ' ଆରମ୍ଭ କରିଛି। ଡିଜିଟାଲ ସର୍ବୋତ୍ତମ ପ୍ରଥାକୁ ପ୍ରୋତ୍ସାହିତ କରିବା ଏବଂ ଉପଲବ୍ଧ ସୁରକ୍ଷା ଉପକରଣକୁ ଗୁରୁତ୍ୱ ଦେଇ ହ୍ୱାଟ୍ସଆପ୍ ଏବଂ ଇନଷ୍ଟାଗ୍ରାମରେ ଭ୍ରାନ୍ତ ତଥ୍ୟ ଚିହ୍ନଟ ଏବଂ ସମାଧାନ ଉପରେ ଉପଭୋକ୍ତାମାନଙ୍କୁ ଶିକ୍ଷା ଦେବା ଏହି ଅଭିଯାନର ଉଦ୍ଦେଶ୍ୟ। ଭ୍ରାନ୍ତ ତଥ୍ୟ ଚିହ୍ନଟ କରିବା ଏବଂ ଏହାର ଅଧିକ ପ୍ରସାରକୁ ରୋକିବାକୁ ବ୍ୟବହାରକାରୀଙ୍କୁ ସୁସଜ୍ଜିତ କରିବା ପାଇଁ ବ୍ଲକ ଏବଂ ରିପୋର୍ଟ, ଫରୱାର୍ଡ ଲେବଲ ଭଳି ହ୍ୱାଟ୍ସଆପ୍‌ରେ ଉପସ୍ଥିତ ଉତ୍ପାଦ ବୈଶିଷ୍ଟ୍ୟ ଏବଂ ସୁରକ୍ଷା ଉପାୟ ଉପରେ ଆଲୋକପାତ କରିବା ଏବଂ ସନ୍ଦେହଜନକ କିମ୍ବା ଭ୍ରାନ୍ତ ଜଣାପଡୁଥିବା ସୂଚନାକୁ ହ୍ୱାଟ୍ସଆପ୍ ଚ୍ୟାନେଲରେ ଚ୍ୟାନେଲ'ରେ ତଥ୍ୟର ସବିଶେଷ ଯାଞ୍ଚ କରିବାକୁ ୮ ସପ୍ତାହବ୍ୟାପୀ ଅଭିଯାନ ଲୋକଙ୍କୁ ଉତ୍ସାହିତ କରୁଛି। ଇନଷ୍ଟାଗ୍ରାମରେ ମେଟା ତଥ୍ୟ ଯାଞ୍ଚ କରିବା ପାଇଁ ଫେକ୍ଟ ଯାଞ୍ଚର ଏକ ଦୃଢ ନେଟୱାର୍କ ସହିତ ଏକାଠି କାମ କରିବା ପାଇଁ ଯୋଡି ହୋଇଛି। ମିଥ୍ୟା, ଡିପଫେକ ପରି କିଛି ମିଳିଲେ ଏହା ସଠିକ ନୁହେଁ ବୋଲି ଲୋକଙ୍କୁ କହିବା ପାଇଁ ସେମାନେ ଆପ୍'ରେ ଚେତାବନୀ ଲେବଲ ଲଗାନ୍ତି।

**ଚାର୍ଜ ଲାଗୁ କରାଗଲେ**

**ଲୋକାଲ୍ ସର୍କଲ୍ ସର୍ଭେରେ ଖୁଲାସା**

# ୭୩% ଉପଭୋକ୍ତା ୟୁପିଆଇ ବ୍ୟବହାର ବନ୍ଦ କରିଦେବେ




**ନୂଆଦିଲ୍ଲୀ,୪।୩(ଏଜେନ୍ସି)**

ବିଗତ କିଛି ବର୍ଷ ହେବ ଦେଶରେ ଲୋକପ୍ରିୟ ମୋବାଇଲ୍ ପେମେଣ୍ଟ ସିଷ୍ଟମ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାର ଢ଼େର ବଢ଼ିଯାଇଛି। ଲୋକେ ସବୁ ପ୍ରକାର ପେମେଣ୍ଟ ବା ଦେୟ ପାଇଁ ୟୁପିଆଇ ବ୍ୟବସ୍ଥାକୁ ବ୍ୟହାର କରୁଛନ୍ତି। ଯାହା ଫଳାରେ ଦେଶରେ ନଗଦ ଟଙ୍କା କାରବାର ବହୁ ମାତ୍ରରେ କମିଯାଇଛି। ବର୍ତ୍ତମାନ, ସମଗ୍ର ଦେଶରେ ୟୁପିଆଇ ମାଧ୍ୟମରେ କରାଯାଇଥିବା କାରବାର ଉପରେ କୌଣସି ଶୁଳ୍କ ଆଦାୟ କରାଯାଉ ନାହିଁ। ଏହାର ଅର୍ଥ ହେଉଛି କୌଣସି ପ୍ରକାର ପେମେଣ୍ଟ କ୍ଷେତ୍ରରେ ଲୋକେ ବର୍ତ୍ତମାନ ଚାର୍ଜ ବା ଫି ଦେଉନାହାଁନ୍ତି। ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଯଦି ଲୋକପ୍ରିୟ ମୋବାଇଲ୍ ପେମେଣ୍ଟ ସିଷ୍ଟମ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ ସେବା ଉପରେ କାରବାର ଶୁଳ୍କ ଲାଗୁ କରାଯାଏ, ତେବେ ଅଧିକାଂଶ ଉପଭୋକ୍ତା ଏହାର ବ୍ୟବହାର ବନ୍ଦ କରିଦେବେ। ଅର୍ଥାତ୍ ଚାର୍ଜ ଲାଗୁ କଲେ ୭୩% ଉପଭୋକ୍ତା ୟୁପିଆଇ କାରବାର ବନ୍ଦ କରିଦେବେ ବୋଲି ଲୋକାଲ୍ ସର୍କଲ୍‌ର ଏକ ଅନଲାଇନ୍ ସର୍ଭେରୁ ଏହା ଜଣାପଡିଛି।

ସର୍ଭେ ଅନୁଯାୟୀ, ବହୁ ସଂଖ୍ୟରେ ଲୋକେ ଦାବି କରିଛନ୍ତି ଯେ, ଗତ ଏକ ବର୍ଷ ମଧ୍ୟରେ ସେମାନଙ୍କଠାରୁ ୟୁପିଆଇ ଦେୟ ଉପରେ କାରବାର ଶୁଳ୍କ ଆଦାୟ ହୋଇଛି। ଲୋକାଲ ସର୍କଲ ପକ୍ଷରୁ ଦେଶର ୩୬୪ ରୁ ଅଧିକ ଜିଲ୍ଲାର ୩୪,୦୦୦ରୁ ଅଧିକ ଲୋକ ଏହି ସର୍ଭେରେ ନିଜର ମତ ଦେଇଛନ୍ତି। ସେଥିମଧ୍ୟରୁ ୬୭ ପ୍ରତିଶତ ପୁରୁଷ ଏବଂ ୩୩ ପ୍ରତିଶତ ମହିଳା ଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଅଗଷ୍ଟ ୨୦୨୨ରେ ଏକ ଅନୁଧ୍ୟାନ ରିପୋର୍ଟ ଜାରି କରି ବିଭିନ୍ନ ପରିମାଣର ୟୁପିଆଇ କାରବାର ଉପରେ ଶୁଳ୍କ ଲାଗୁ କରିବାକୁ ପ୍ରସ୍ତାବ ଦେଇଥିଲା। ତେବେ ପରେ ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ୟୁପିଆଇ କାରବାର ଉପରେ ଚାର୍ଜ ଲଗାଇବାର କୌଣସି ପ୍ରସ୍ତାବ ନାହିଁ।

- **୨୩% ଉପଭୋକ୍ତା ପେମେଣ୍ଟ ଉପରେ କାରବାର ଶୁଳ୍କ ଦେବାକୁ ପ୍ରସ୍ତୁତ**
- **ୟୁପିଆଇ କାରବାର ଉପରେ ଚାର୍ଜ ଲଗାଇବାର କୌଣସି ପ୍ରସ୍ତାବ ନାହିଁ: ଅର୍ଥ ମନ୍ତ୍ରଣାଳୟ**

ଏହି ତାଜା ସର୍ଭରେ କୁହାଯାଇଛି ଯେ, ୟୁପିଆଇର ମାତ୍ର ୨୩ ପ୍ରତିଶତ ଉପଭୋକ୍ତା ପେମେଣ୍ଟ ଉପରେ କାରବାର ଶୁଳ୍କ ଦେବାକୁ ପ୍ରସ୍ତୁତ। ସର୍ଭେ କରାଯାଇଥିବା ଲୋକଙ୍କ ମଧ୍ୟରୁ ୭୩ ପ୍ରତିଶତ ସୂଚାଇ ଦେଇଛନ୍ତି ଯେ, ଯଦି କାରବାର ଶୁଳ୍କ ଲାଗୁ ହୁଏ ତେବେ ସେମାନେ ୟୁପିଆଇ ବ୍ୟବହାର ବନ୍ଦ କରିବେ। ସର୍ଭେରୁ ଜଣାପଡିଛି ଯେ ପ୍ରାୟ ୫୦ ପ୍ରତିଶତ ୟୁପିଆଇ ବ୍ୟବହାରକାରୀ ପ୍ରତି ମାସରେ ୧୦ ରୁ ଅଧିକ କାରବାର କରିଥାନ୍ତି।

**ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଉପରେ ଆର୍‌ବିଆଇର ବଡ଼ କାର୍ଯ୍ୟାନୁଷ୍ଠାନ**

## ସୁନା ଋଣ ଆବଣ୍ଟନରେ ଲାଗିଲା ରୋକ୍




**ନୂଆଦିଲ୍ଲୀ,୪।୩(ଏଜେନ୍ସି)**

ପେଟିଏମ ପେମେଣ୍ଟସ୍ ବ୍ୟାଙ୍କ ପରେ ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆଉ ଏକ କମ୍ପାନୀ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଆର୍‌ବିଆଇ ସୋମବାର ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଉପରେ ସୁନା ଋଣ ଆବଣ୍ଟନ କିମ୍ବା ବିକ୍ରି ଉପରେ ରୋକ୍ ଲଗାଇଛି। ରିଜର୍ଭ ବ୍ୟାଙ୍କ ଏହି ଆଦେଶ ତତ୍କାଳ ପ୍ରଭାବ ସହ ଲାଗୁ କରିଛି। ଏହି ପ୍ରତିବନ୍ଧକ ଅନୁଯାୟୀ, କମ୍ପାନୀ ବର୍ତ୍ତମାନ କୌଣସି ପ୍ରକାର ସୁନା ଋଣ ଦେଇପାରିବନାହିଁ। ଏହାର ଅର୍ଥ ହେଉଛି କମ୍ପାନୀ କୌଣସି ନୂଆ ସୁନା ଋଣ ମଞ୍ଜୁର କରିପାରିବ ନାହିଁ। ଅବଶ୍ୟ ପୂର୍ବରୁ ଜାରି ସୁନା ଋଣ ଜାରି ରହିବ। ଆରବିଆଇ ଅନୁଯାୟୀ ସୁପରଭାଇଜରୀ ଚିନ୍ତା କାରଣକୁ ନେଇ ସୁନା ଋଣ ଆବଣ୍ଟନ ଉପରେ ରୋକ୍ ଲଗାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ୍‌ର କହିବା ଅନୁଯାୟୀ ଆଇଆଇଏଫଏଲ ଫାଇନାନ୍ସର ଲୋନ୍-ଟୁ ଭାଲ୍ୟୁ ଅନୁପାତରେ ଅନିୟମିତତା ଦେଖିବାକୁ ମିଳିଛି। ତେବେ କମ୍ପାନୀ ପରିଚାଳନାର ସ୍ୱତନ୍ତ୍ର ଅଡିଟ୍ ହେବ ଆଉ ଏହା ପରେ ପ୍ରତିବନ୍ଧକ ଉପରେ ପୁନର୍ବିଚାର ହେବା ନେଇ କହିଛି ଆରବିଆଇ। ୨୦୨୩ ମାର୍ଚ୍ଚ ୩୧ରେ କମ୍ପାନୀର ଆର୍ଥିକ ସ୍ଥିତିର ଯାଞ୍ଚ ପରେ ଏହାର ସୁନା ଋଣ ପୋର୍ଟଫୋଲିଓରେ ତଦାରଖ ଜନିତ ତ୍ରୁଟିକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ଋଣ ମଞ୍ଜୁର ଏବଂ କ୍ଷଣ ଖିଲାପୀରେ ନିଲାମ ସମୟରେ ସୁନାର ଶୁଦ୍ଧତା ଏବଂ ନିଟ୍ ଓଜନର ଯାଞ୍ଚ ଏବଂ ପ୍ରମାଣ କରିବାରେ ଗୁରୁତର ବିଚ୍ୟୁତି ସାମ୍ନାକୁ ଆସିଥିଲା।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ରିଟେଲ୍ ଏକ୍ସପୋ

**ଭୁବନେଶ୍ୱର,୪।୩(ସମିସ)**



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ମେଗା ରିଟେଲ୍ ଏକ୍ସପୋ ୨୦୨୪ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସର୍ବେଶ ରଞ୍ଜନ ଏହି ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଆର୍ ଦେବରାଜ, ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ରଞ୍ଜିତ ସିଂ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ର, ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ, ଏମ୍‌ଏଲ୍‌ପି ମୁଖ୍ୟ ହରେରାମ ସାହା, ଆର୍‌ଏଲ୍‌ପି ଶାଖା ମୁଖ୍ୟ ହରେକୃଷ୍ଣ ପାହି, ଭୁବନେଶ୍ୱର ସହର ଅନ୍ତର୍ଗତ ବିଭିନ୍ନ ଶାଖାର ଶାଖା ମୁଖ୍ୟ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଆର୍‌ଏଲ୍‌ପି ଭୁବନେଶ୍ୱର ଓ ଏମ୍‌ଏଲ୍‌ପି ଭୁବନେଶ୍ୱରର ଅଧିକାରୀଗଣଙ୍କ ସମେତ ବ୍ୟାଙ୍କର ଗ୍ରାହକମାନେ ଉପସ୍ଥିତ ଥିଲେ।

## ଇଫ୍‌କୋରେ ଜାତୀୟ ସୁରକ୍ଷା ଦିବସ



**ଭୁବନେଶ୍ୱର,୪।୩(ସମିସ):** ଇଫ୍‌କୋର ପାରାଦୀପ ୟୁନିଟ୍‌ରେ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। କର୍ମଚାରୀ, ଠିକାଦାର ଏବଂ ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଡିଭିଜନ୍ କାରଖାନା ଏବଂ ବାଷ୍ପିତ ବିଭାଗର ଉପନିର୍ଦ୍ଦେଶକ ଏମ୍.କେ. ପଣ୍ଡା ଅନୁଷ୍ଠାନରେ ନିଜ ଆଡୁ ସୁରକ୍ଷା ସଂସ୍କୃତି ଆରମ୍ଭ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ କେଜେ ପଟେଲ ମୁଖ୍ୟ ବକ୍ତା ଭାବେ ଅଭିଭାଷଣ ରଖିଥିଲେ। ଏଥିରେ ଜେଜିଏମ୍ (ଏଫ୍‌ଆଣ୍ଡଏସ୍) ଆର୍‌କେ ସ୍ୱାଇଁ ସୁରକ୍ଷା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିଥିଲେ।

## ଯନ୍ତ୍ରପାତି ଓ ଟୁଲ୍‌କିଟ୍ ସହାୟତାରେ ଦକ୍ଷତାରେ ଉନ୍ନତି ଆଣିବା ହେଉଛି କେଭିଆଇସିର ମୂଳ ଲକ୍ଷ୍ୟ




**ଭୁବନେଶ୍ୱର, ୪।୩(ସମିସ):** ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ଅଧକ୍ଷ ମନୋଜ କୁମାର ଆଜି ଭୁବନେଶ୍ୱରରେ ହନି ମିଶନ ଓ ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧିନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଘୋଷଣା କରିଛନ୍ତି। ଏହି ଅବସରରେ ସେ କାରିଗରମାନଙ୍କୁ ଯନ୍ତ୍ରପାତି ଓ ଟୁଲ୍‌କିଟ ସହାୟତା ପ୍ରଦାନ କରି ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିବା ଓ ପାରମ୍ପରିକ ଶିଳ୍ପଗୁଡିକର ବିକାଶ ପାଇଁ ଏକ ଲକ୍ଷ୍ୟ ସହିତ ବିବକ୍ସ, ଇଲେକ୍ଟ୍ରିକ ପୋଟର୍ସ ହ୍ୱିଲ୍, ପେପର୍ ମେଶିନ ଓ ସବାଇ ଗ୍ରାସ୍ ବ୍ୟାନ୍ ନିର୍ମାଣକାରୀ ଟୁଲ୍ ବିତରଣ କରିଛନ୍ତି। ଏହି ଅବସରରେ ଓଡ଼ିଶା ଖଦି ଇନଷ୍ଟିଚ୍ୟୁସନ୍ସ ଫେଡରେସନ ସଚିବ ଗୋପୀନାଥ ଖାଡ଼େଙ୍ଗା,କେଭିଆଇସି ଡେପୁଟି ଚିଫ ଏକ୍ସିକ୍ୟୁଟିଭ ଅଫିସର ଏସ.ଏସ.ସିଲ୍ ଏବଂ କେଭିଆଇସି ଭୁବନେଶ୍ୱର ରାଜ୍ୟ ନିର୍ଦ୍ଦେଶକ ଆଇ. ଜୱାହର ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

## ଲାଇନ୍‌ମ୍ୟାନ ଦିବସରେ ୨୧,୦୦୦ ସ୍ଥାନୀୟ ଲାଇନ୍‌ମ୍ୟାନଙ୍କୁ ସ୍ୱୀକୃତି



**ଭୁବନେଶ୍ୱର,୪।୩(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଚାରି ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ପକ୍ଷରୁ ରାଜ୍ୟବ୍ୟାପୀ କାର୍ଯ୍ୟକରୁଥିବା ୨୧୦୦୦ ଲାଇନମ୍ୟାନ୍ ଓ କ୍ଷେତ୍ର ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଅକ୍ଲାନ୍ତ ସମର୍ପଣକୁ ସ୍ୱୀକୃତି ଓ ମାନ୍ୟତା ପ୍ରଦାନ କରି ଲାଇନମ୍ୟାନ୍ ଦିବସ ପାଳନ କରାଯାଇଛି। ବାତ୍ୟା, ଝଡ଼, ଉଚ୍ଚ ତାପମାତ୍ରା, ଦୁର୍ଗମ ଅଞ୍ଚଳଠାରୁ ଆରମ୍ଭ କରି ବୈଷୟିକ ଓ ପରିଚାଳନାଗତ କଠିନ ସ୍ଥିତି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ସ୍ଥାନୀୟ ଲାଇନମ୍ୟାନମାନେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ସହ ନିଜ କର୍ତ୍ତବ୍ୟକୁ ପ୍ରଭାବଶାଳୀ ଢଙ୍ଗରେ ସମ୍ପାଦନ କରୁଛନ୍ତି। କାଳବୈଶାଖୀ ସମୟରେ ଏହି ଲାଇନମ୍ୟାନମାନେ ଅନେକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି। ଗଛ ପଡ଼ିବା, ଉପୁଡ଼ି ପଡ଼ିଥିବା ଫସି ଯାଇଥିବା ଜୀବନ୍ତ ତାର ଏବଂ ବୁଡ଼ି ଯାଇଥିବା ରାସ୍ତା, ଏପରିକି ଅତି ଦୁର୍ଗମ ଅଞ୍ଚଳରେ ମଧ୍ୟ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର କରିବା କାର୍ଯ୍ୟକୁ ସେମାନେ ସମ୍ପାଦନ କରିଥାନ୍ତି। ସ୍କୁଲ, କଲେଜ, ବ୍ୟାଙ୍କ, ହସ୍ପିଟାଲ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ଓ ଶକ୍ତି ଯୋଗାଣରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ଓ ଜାତୀୟ ନିରାପତ୍ତା ଦିବସର ଟିପି ଓଡ଼ିଶା ଡିସକମ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଭିନ୍ନ ଉତ୍ସବ ଆୟୋଜନ କରାଯାଇଥିଲା। ଯେଉଁଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲାଇନମ୍ୟାନମାନଙ୍କୁ ବରିଷ୍ଠ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା ଏବଂ ସୁରକ୍ଷା ସପ୍ତାହ ପାଳନ ପାଇଁ ରାଲି ଆୟୋଜନ କରାଯାଇଥିଲା।

**ମୁଡିଜ୍ ପୂର୍ବାନୁମାନ**

# ୨୦୨୪ରେ ଜିଡିପି ଅଭିବୃଦ୍ଧି ୬.୮% ରହିବ

**ନୂଆଦିଲ୍ଲୀ,୪।୩ (ଏଜେନ୍ସି)**




**ଜି-୨୦ରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିକାରୀ ଅର୍ଥନୀତି**

ଦେଶର ଅର୍ଥନୀତିକୁ ନେଇ ଆଉ ଏକ ଭଲ ଖବର। ବିଶ୍ୱର ରେଟିଂ ଏଜେନ୍ସି ମୁଡିଜ୍ ୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ଅନୁମାନକୁ ବଢାଇ ୬.୮ ପ୍ରତିଶତ କରିଛି। ଏହା ପୂର୍ବରୁ ଏଜେନ୍ସି ୨୦୨୪ରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୧ ପ୍ରତିଶତ ହାରରେ ବଢିବା ନେଇ ଅନୁମାନ କରିଥିଲା। ୨୦୨୩ର ଚତୁର୍ଥ ତ୍ରୈମାସରେ ଭାରତର ଆର୍ଥିକ ତଥ୍ୟ ଆଶାଠାରୁ ବହୁ ଅଧିକ ରହିଥିଲା, ଏହାପରେ ମୁଡିଜ୍ ନିଜ ଅଭିବୃଦ୍ଧି ହାର ଅନୁମାନକୁ ବଢାଇଛି। ୨୦୨୩ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ରହିଥିଲା। ଏଭଳି ପରିସ୍ଥିତିରେ ୨୦୨୩ରେ ଭାରତୀୟ ଅର୍ଥ ବ୍ୟବସ୍ଥା ୭.୭ ପ୍ରତିଶତ ହାରରେ ବଢୁଛି। ମୁଡିଜ୍ ଇନଭେଷ୍ଟର୍ସ ସର୍ଭିସ୍ ସୋମବାର କହିଛି ଯେ ସରକାରଙ୍କ ପୁଞ୍ଜିଗତ ବ୍ୟୟ ଏବଂ ମଜଭୁତ ବିନିର୍ମାଣ ଗତିବିଧି ୨୦୨୩ରେ ବୃଦ୍ଧି କ୍ଷେତ୍ରରେ ସଫଳ ଯୋଗଦାନ ଦେଇଛି। ରେଟିଂ ଏଜେନ୍ସିର ଅନୁମାନ ହେଉଛି ବିଶ୍ୱ ସ୍ତରରେ ପ୍ରତିକୂଳ ପରିସ୍ଥିତି ଏବେ କମ ହୋଇଛି, ଯେଉଁ କାରଣରୁ ଭାରତ ସହଜରେ ୬ରୁ ୭ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିପାରେ। ଭାରତର ଅର୍ଥବ୍ୟବସ୍ଥା ଭଲ ପ୍ରଦର୍ଶନ କରୁଛି ଏବଂ ୨୦୨୩ରେ ଆଶାଠାରୁ ଅଧିକ ମଜଭୁତ ଡାଟା କାରଣରୁ ଆମେ ୨୦୨୪ ପାଇଁ ନିଜ ବୃଦ୍ଧି ହାର ଅନୁମାନ ୬.୧ ପ୍ରତିଶତକୁ ବଢାଇ ୬.୮ ପ୍ରତିଶତ କରିଛୁ। ଭାରତ ଜି-୨୦ ଦେଶଗୁଡ଼ିକ ମଧ୍ୟରେ ସବୁଠୁ ଦ୍ରୁତ ବେଗରେ ବଢୁଥିବା ଅର୍ଥବ୍ୟବସ୍ଥା ହୋଇ ରହିଛି। ୨୦୨୫ରେ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୪ ପ୍ରତିଶତ ରହିବା ଅନୁମାନ କରିଛି ମୁଡିଜ୍। ରେଟିଂ ଏଜେନ୍ସି କହିଛି ଯେ ଉଚ୍ଚ-ଆବୃତ୍ତିର ସଂକେତରୁ ଜଣାପଡୁଛି ଯେ ଅର୍ଥ ବ୍ୟବସ୍ଥାର ସେପ୍ଟେମ୍ବର ଏବଂ ଡିସେମ୍ବର ତ୍ରୈମାସିକରେ ମଜଭୁତ ଗତି ୨୦୨୪ ମାର୍ଚ୍ଚ ତ୍ରୈମାସିକରେମଧ୍ୟ ଜାରି ରହିବ। ମଜଭୁତ ଜିଏସଟି ସଂଗ୍ରହ, ବଢୁଥିବା ଯାନ ବାହାନ ବିକ୍ରି, ଖାଉଟିଙ୍କ ଭରସା ଏବଂ ଦୁଇ ଅଙ୍କ ଋଣ ଅଭିବୃଦ୍ଧିରୁ ଜଣାପଡୁଛି ଯେ ସହରରେ ଚାହିଦା ମଜଭୁତ ରହିଛି। ବିନିର୍ମାଣ ଏବଂ ସମ୍ପ୍ରସାରିତ ସେବା କ୍ଷେତ୍ର ସୁବୃଢ଼ ଆର୍ଥିକ ସ୍ଥିତିର ପ୍ରମାଣ। ଚଳିତ ବର୍ଷ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ପୁଞ୍ଜିଗତ ବ୍ୟୟ ପାଇଁ ୧୧.୧ ଲକ୍ଷ କୋଟି ଟଙ୍କା (୨୦୨୪-୨୫ର ଜିଡିପିର ୩.୪ ପ୍ରତିଶତ ସହ ସମାନ) ବ୍ୟବସ୍ଥା କରିଛନ୍ତି। ଏହା ୨୦୨୩-୨୪ର ଅନୁମାନଠାରୁ ୧୬.୯ ପ୍ରତିଶତ ଅଧିକ।

